# ଅନୁପାଳନ ଯାଞ୍ଚ ରିପୋର୍ଟ

ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ୍ (ଆଇ.ଏଫ୍.ସି.ପ୍ରକଳ୍ପ #୨୬୨୩୭)

ଭାରତ

ଆଇ.ଏଫ୍.ସି.-ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ୍‌ର ଆଇ.ଏଫ୍.ସି. ଦ୍ୱାରା କରାଯାଇଥିବା ବିନିଯୋଗ ସଂକ୍ରାନ୍ତରେ ସି.ଏ.ଓ. ଦ୍ୱାରା କରାଯାଉଥିବା ତଦନ୍ତ ପାଇଁ ଆଇ.ଏଫ୍.ସି. ଦେଇଥିବା ଉତ୍ତରର ଯାଞ୍ଚ ରିପୋର୍ଟ ।

୨୯ ମାର୍ଚ୍ଚ

କମ୍ପ୍ଲାଏନ୍ସ ଆଡ୍‌ଭାଇଜର ଅମ୍ବୁଡ୍‌ସ୍‌ମ୍ୟାନ(ସି.ଏ.ଓ)ଙ୍କ କାର୍ଯ୍ୟାଳୟ

# ସି.ଏ.ଓ. ସଂପର୍କରେ

ସି.ଏ.ଓ.ର ଲକ୍ଷ୍ୟ ହେଲା ଏକ ନ୍ୟାୟବଦ୍ଧ, ନିର୍ଭରଯୋଗ୍ୟ ଏବଂ ଫଳପ୍ରଦ ଶୁଣାଣୀ ବ୍ୟବସ୍ଥା ରୂପେ ସେବା ପ୍ରଦାନ କରିବା ତଥା ଆଇ.ଏଫ୍.ସି. ଓ ଏମ୍.ଆଇ.ଜି.ଏ.ର ପାରିବେଶିକ ଏବଂ ସାମାଜିକ ଉତ୍ତରଦାୟିତ୍ୱରେ ଉନ୍ନତି ଆଣିବା ।

ସି.ଏ.ଓ. (କମ୍ପ୍ଲାଏନ୍ସ ଆଡ଼ଭାଇଜର ଅମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟାଳୟ) ଏକ ନିୟନ୍ତ୍ରଣମୁକ୍ତ ପଦବୀ । ଏହା ସିଧାସଳଖ ଭାବେ ବିଶ୍ୱବ୍ୟାଙ୍କ ଅନୁଷ୍ଠାନ ସମୂହର ସଭାପତିଙ୍କ ନିକଟରେ ଉତ୍ତରଦାୟୀ । ବିଶ୍ୱବ୍ୟାଙ୍କ ଗୋଷ୍ଠୀର ଘରୋଇ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଦୁଇଟି ଶାଖା ଦ୍ୱାରା କରାଯାଇଥିବା ପ୍ରକଳ୍ପ ଯୋଗୁଁ ପ୍ରଭାବିତ ଗ୍ରାମଗୋଷ୍ଠୀମାନଙ୍କର ଅଭିଯୋଗର ସମୀକ୍ଷା ସି.ଏ.ଓ. କରିଥାଏ । ବିଶ୍ୱବ୍ୟାଙ୍କ ସମୂହର ଘରୋଇ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ ଦୁଇଟି ହେଲା – ଇଣ୍ଟରନ୍ୟାସନାଲ ଫାଇନାନ୍ସ କର୍ପୋରେସନ୍ (ଆଇ.ଏଫ୍.ସି.) ଏବଂ ମଲଟିଲାଟେରାଲ ଇନ୍‌ଭେଷ୍ଟମେଣ୍ଟ ଗ୍ୟାରେଣ୍ଟି ଏଜେନ୍ସି (ଏମ୍.ଆଇ.ଜି.ଏ.) ।

ସି.ଏ.ଓ. ସଂପର୍କିତ ଅଧିକ ସୂଚନା ପାଇଁ www.cao-ombudsman.org ଖୋଲନ୍ତୁ ।

# ସୂଚୀପତ୍ର

ମୁଖବନ୍ଧ ୪

ପୃଷ୍ଠଭୂମି ୫

ଆଇ.ଏଫ୍.ସି.ର ଉତ୍ତର, ପାଣ୍ଠି ଓ ପ୍ରକଳ୍ପ କାର୍ଯ୍ୟକଳାପ ଏବଂ ଆଇ.ଏଫ୍.ସି.ର ତତ୍ତ୍ୱାବଧାନ

ସି.ଏ.ଓ.ର ଅନୁପାଳନ ଯାଞ୍ଚ ସଂପର୍କିତ ତର୍ଜମା ୧୧

ଉପସଂହାର ୩୩

ପରିଶିଷ୍ଟ ଏ - ଆଇ.ଏଫ୍.ସି.ଦ୍ୱାରା କମଳାଙ୍କ ପ୍ରକଳ୍ପର ନିରୀକ୍ଷଣ

ସଂପର୍କରେ ସି.ଏ.ଓ.ର ମତ ୩୫

## ମୁଖବନ୍ଧ

ଏହାର ଅନୁପାଳନ ଦାୟିତ୍ୱ ଅନୁଯାୟୀ ସି.ଏ.ଓ. ଆଇ.ଏଫ୍.ସି /ଏମ୍.ଆଇ.ଜି.ଏ. ପାରିବେଶିକ ତଥା ସାମାଜିକ କ୍ଷେତ୍ରରେ କିପରି ପ୍ରଦର୍ଶନ କରୁଛନ୍ତି ସେ ସଂପର୍କରେ କରାଯାଉଥିବା ଅନୁସନ୍ଧାନ ଉପରେ ମଧ୍ୟ ନିଘା ରଖିଥାଏ । ଏହା ଏଇଥି ପାଇଁ କରାଯାଇଥାଏ ଯେ ଏକଥା ସୁନିଶ୍ଚିତ କରାଯାଇପାରିବ କି' ଏହି ଅନୁଷ୍ଠାନଗୁଡ଼ିକ ପ୍ରାସଙ୍ଗିକ ଆବଶ୍ୟକତାଗୁଡ଼ିକର ଅନୁପାଳନ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ପାରିବେଶିକ ତଥା ସାମାଜିକ କ୍ଷେତ୍ରରେ ଦକ୍ଷତାର ବିକାଶ  କରାଯାଇ ପାରିବ ।

ସି.ଏ.ଓ. ଦ୍ୱାରା କରାଯାଇଥିବା ଅନୁପାଳନ ସଂପର୍କିତ ଅନୁଧ୍ୟାନ ପରେ ଆଇ.ଏଫ୍.ସି. / ଏମ୍.ଆଇ.ଜି.ଏ. ଦ୍ୱାରା କେଉଁ ପଦକ୍ଷେପମାନ ଗ୍ରହଣ କରାଗଲା ସି.ଏ.ଓ. ପକ୍ଷରୁ ସେ କଥାର ଯାଞ୍ଚ କରାଯାଇଥାଏ, ଯେପରିକି ଏକଥା ସୁନିଶ୍ଚିତ କରାଯାଇ ପାରିବ ଯେ ଅନୁପାଳନ ସଂକ୍ରାନ୍ତୀୟ ଯାଞ୍ଚରେ ଚିହ୍ନଟ କରାଯାଇଥିବା ପ୍ରସଙ୍ଗଗୁଡ଼ିକ ସଂକ୍ରାନ୍ତରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନମାନ  ଗ୍ରହଣ କରାଯାଇଛି ।

ପ୍ରକଳ୍ପ ସ୍ତରରେ ସି.ଏ.ଓ. ଦ୍ୱାରା ଚିହ୍ନଟ କରାଯାଇଥିବା ପ୍ରସଙ୍ଗଗୁଡ଼ିକ କ୍ଷେତ୍ରରେ ଆଇ.ଏଫ୍.ସି./ଏମ୍.ଆଇ.ଜି.ଏ. ଦ୍ୱାରା ଗ୍ରହଣ କରାଯାଇଥିବା ଅଥବା ପ୍ରସ୍ତାବିତ ପଦକ୍ଷେପଗୁଡ଼ିକୁ ସି.ଏ.ଓ. ଦ୍ୱାରା ଯାଞ୍ଚ  କରାଯାଇଥାଏ । ସି.ଏ.ଓ. ଦ୍ୱାରା କରାଯାଇଥିବା ବିଶ୍ଲେଷଣକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଥାଏ ଯେପରି ଏକଥା ନିଶ୍ଚିତ କରାଯାଇପାରିବ ଯେ ସି.ଏ.ଓ. ଦ୍ୱାରା ପ୍ରକଳ୍ପ ସ୍ତରରେ ଚିହ୍ନଟ କରାଯାଇଥିବା ସମସ୍ୟାଗୁଡ଼ିକର ନିରାକରଣ କରାଯାଇଛି ।

ଆଇ.ଏଫ୍.ସି. ଦ୍ୱାରା ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ୍ (ଆଇ.ଆଇ.ଏଫ୍. - ଫଣ୍ଡ୍)[୧]ରେ ପୁଞ୍ଜି ନିବେଶ ପରେ ସି.ଏ.ଓ. ଦ୍ୱାରା କରାଯାଇଥିବା ଅନୁଧ୍ୟାନ ପଛକୁ ଏହା ସି.ଏ.ଓ.ର  ପ୍ରଥମ ଯାଞ୍ଚ ରିପୋର୍ଟ । ଅନୁପାଳନ ସଂପର୍କିତ ସି.ଏ.ଓ.ର ଅନୁଧ୍ୟାନ ରିପୋର୍ଟ ୨୦୧୫ ମସିହା ଅକ୍ଟୋବର  ମାସରେ ଚୂଡ଼ାନ୍ତ ହୋଇଥିଲା ।  ୨୦୧୬ ମସିହା ଜାନୁଆରୀ ମାସରେ ଆଇ.ଏଫ୍.ସି.ର ଆଧିକାରିକ ପ୍ରତିକ୍ରିୟା ସହ ଏହି ରିପୋର୍ଟଟିକୁ ସାର୍ବଜନୀନ କରାଯାଇଥିଲା । ଏହି ରିପୋର୍ଟରେ ଡ଼ିସେମ୍ବର-୨୦୧୫ରୁ  ଅକ୍ଟୋବର ୨୦୧୮

[୧] ସି.ଏ.ଓ. ଅନୁସନ୍ଧାନ, ଅନୁସନ୍ଧାନ ସଂକ୍ରାନ୍ତରେ ଆଇ.ଏଫ୍.ସି.ର ଆଧିକାରିକ ଉତ୍ତର ଏବଂ ସଂପୃକ୍ତ ଦଲିଲଗୁଡିକ ସି.ଏ.ଓ.ର ୱେବ୍‌ସାଇଟରେ ଉପଲବ୍ଧ । http://goo.gl/yXyAvW ଦେଖନ୍ତୁ ।

ମଧ୍ୟରେ ଅନୁପାଳନ ଅନୁଧ୍ୟାନ ସଂକ୍ରାନ୍ତରେ ଆଇ.ଏଫ୍.ସି. ପକ୍ଷରୁ ଦିଆଯାଇଥିବା ପ୍ରତିକ୍ରିୟା / ନିଆଯାଇଥିବା ପଦକ୍ଷେପ ସଂପର୍କରେ ଦଲିଲକରଣ କରାଯାଇଛି । ଏହି ଯାଞ୍ଚ ରିପୋର୍ଟ ପ୍ରସ୍ତୁତି ବେଳେ ସି.ଏ.ଓ. ଦଳ (ବାହ୍ୟ ବିଶାରଦଙ୍କ ସମେତ) (କ) ଆଇ.ଏଫ୍.ସି.ର ପ୍ରକଳ୍ପ ଦଲିଲର ସମୀକ୍ଷା (ଖ) ଫଣ୍ଡ୍ (ଆଇ.ଆଇ.ଏଫ୍.) ପକ୍ଷରୁ ସି.ଏ.ଓ.ଙ୍କ ନିକଟରେ ଦାଖଲ କରାଯାଇଥିବା ପ୍ରକଳ୍ପ ଦଲିଲଗୁଡିକୁ ଯାଞ୍ଚ କରିବା (ଗ) ଆଇ.ଏଫ୍.ସି.ର କର୍ମଚାରୀ, ଅଭିଯୋଗକାରୀ ଏବଂ ଫଣ୍ଡର ଅଧିକାରୀମାନଙ୍କ ସହ ସାକ୍ଷାତ କରିଥିଲେ । ମାତ୍ର ପ୍ରକଳ୍ପାଞ୍ଚଳକୁ ଗସ୍ତ କରିବା ସମ୍ଭବ ହୋଇ ନଥିଲା, କାରଣ ସି.ଏ.ଓ. ଭାରତ ସରକାରଙ୍କଠାରୁ ଏହି କାର୍ଯ୍ୟପାଇଁ ଗଠିତ ଦଳର ଭାରତ ଗସ୍ତ ପାଇଁ ଅନୁମତି ପାଇ ନଥିଲା ।

ଏହି ରିପୋର୍ଟରେ (କ) ପ୍ରସଙ୍ଗର ପୃଷ୍ଠଭୂମି (ଖ) ସି.ଏ.ଓ.ର ଅନୁଧ୍ୟାନ ରିପୋର୍ଟ ଆଧାରରେ ଆଇ.ଏଫ୍.ସି. ପକ୍ଷରୁ ଦିଆଯାଇଥିବା ଉତ୍ତରର ସାରାଂଶ, ଫଣ୍ଡ୍ ଏବଂ ପ୍ରକଳ୍ପ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ସଂକ୍ଷିପ୍ତ ବିବରଣୀ ଏବଂ ଆଇ.ଏଫ୍.ସି.ର ତଦାରଖ ରିପୋର୍ଟ (ଗ) ସି.ଏ.ଓ. ଦ୍ୱାରା ଅନୁପାଳନ ଯାଞ୍ଚର ତର୍ଜମା ଏବଂ (ଘ) ଉପସଂହାର ଅନ୍ତର୍ଭୁକ୍ତ କରାଯାଇଛି ।

## ପୃଷ୍ଠଭୂମି

### *ଆଇ.ଏଫ୍.ସି. ଦ୍ୱାରା ପୁଞ୍ଜି ନିବେଶ*

୨୦୦୮ ମସିହାରେ ଆଇ.ଏଫ୍.ସି. ଇଣ୍ଡିଆନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଫଣ୍ଡରେ ୫୦ ମିଲିୟନ ଆମେରୀକୀୟ ଡ଼ଲାରର ଅଂଶଧନ (ଇକ୍ୱିଟି) ବିନିଯୋଗ କରିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲା । ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର୍ ଫଣ୍ଡ୍ ହେଉଛି ଏକ ବେସରକାରୀ ଇକ୍ୱିଟି ପାଣ୍ଠି, ଯାହାକି ଇନ୍‌ଫ୍ରାଷ୍ଟ୍ରକଚର ଡ଼େଭେଲପ୍‌ମେଣ୍ଟ ଫାଇନାନ୍ସ କମ୍ପାନୀ (ଆଇ.ଡ଼ି.ଏଫ୍.ସି) ଅଫ ଇଣ୍ଡିଆ ଦ୍ୱରା ସ୍ଥାପିତ / ପ୍ରତିଷ୍ଠିତ ତଥା ପରିଚାଳିତ । ଏହି ପାଣ୍ଠି ସେହି ବିଶାଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବିନିଯୋଗ କରିବା ସକାଶେ ଉଦ୍ଦିଷ୍ଟ ଯେଉଁ ଆକାର ବା ପ୍ରକାରର ପ୍ରକଳ୍ପଗୁଡ଼ିକ, ଆଇ.ଏଫ୍.ସି. ବିଚାରରେ, ସ୍ଥାନୀୟ ଗ୍ରାମଗୋଷ୍ଠୀମାନଙ୍କ ଉପରେ ଯଥେଷ୍ଟ ପାରିବେଶିକ ତଥା ସାମାଜିକ ପ୍ରଭାବ ପକାଇବାର ଆଶଂକା ରହିଛି । ପାଣ୍ଠିଟି ତାଲିକାଭୁକ୍ତ ହୋଇ ନଥିଲେ ଏହାର ସମୟ/କାର୍ଯ୍ୟକାଳ ୧୨ ବର୍ଷ । ତେବେ ଚୁକ୍ତି[2] ବଳରେ ପାଣ୍ଠିର ଅବଧିକୁ ଆଉ ତିନିବର୍ଷ ବଢ଼ାଯାଇ ପାରିବ । ଆଇ.ଏଫ୍.ସି.ର ପୁଞ୍ଜି ବିନିଯୋଗ ସର୍ତ୍ତ ଅନୁଯାୟୀ ପାଣ୍ଠି ସହମତି ପ୍ରକାଶ କରିଛି ଯେ

[2] ଲାଇଭ ମିଣ୍ଟ, ଏପ୍ରିଲ ୨୭, ୨୦୦୯, ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ୍ ଦୁଇଟି ଟୋଲ ରୋଡ଼ ପ୍ରକଳ୍ପର ୫୦୦ ଲକ୍ଷ ଡ଼ଲାରରେ ବିନିଯୋଗ କଲା । http://goo.gl/48P2T3 ରେ ଉପଲବ୍ଧ ।

(କ) ପାଣ୍ଠିର ପୋର୍ଟଫୋଲିଓ କମ୍ପାନୀଗୁଡ଼ିକରେ[୩] ଆଇ.ଏଫ୍.ସି.ର ଦକ୍ଷତା ମାନକଗୁଡ଼ିକ କାର୍ଯ୍ୟକାରୀ କରିବା ସକାଶେ ପାଣ୍ଠି ତା'ର ପାରିବେଶିକ ତଥା ସାମାଜିକ ପରିଚାଳନା ବ୍ୟବସ୍ଥାର ସ୍ତର ଉନ୍ନତତର କରିବ (ଖ) ଆଇ.ଏଫ୍.ସି.ର ସମସ୍ତ 'କ' ଶ୍ରେଣୀର ବିନିଯୋଗ ସକାଶେ ପାଣ୍ଠି ଆଇ.ଏଫ୍.ସି.କୁ ପାରିବେଶିକ ତଥା ସାମାଜିକ ଦକ୍ଷତା ସଂପର୍କିତ ତଥ୍ୟର ସାରାଂଶ ଜଣାଇବ ଯେପରିକି ଫଣ୍ଡ୍ ସେଗୁଡ଼ିକରେ ବିନିଯୋଗ କରିବା ପୂର୍ବରୁ ସେଗୁଡିକର ସମୀକ୍ଷା କରିପାରିବ ତଥା ପାଣ୍ଠିକୁ ପରାମର୍ଶ ଦେଇପାରିବ (ଗ) ପାଣ୍ଠି ପୋର୍ଟଫୋଲିଓ କମ୍ପାନୀଗୁଡ଼ିକର ପାରିବେଶିକ ଏବଂ ସାମାଜିକ ପରିଚାଳନା ବ୍ୟବସ୍ଥା (ଇ.ଏସ୍.ଏମ୍.ଏସ୍.)ର କାର୍ଯ୍ୟକାରିତା ତଥା କାର୍ଯ୍ୟଦକ୍ଷତା ସଂପର୍କରେ ଏକ ବାର୍ଷିକ ଯାଞ୍ଚ ରିପୋର୍ଟ ଆଇ.ଏଫ୍.ସି. ନିକଟରେ ଦାଖଲ କରିବ[୪] ।

## *ଜି.ଏମ୍. ଆର. କମଲାଙ୍ଗ*

ଜି.ଏମ୍.ଆର. କମଲାଙ୍ଗ ଏନର୍ଜି ଲିମିଟେଡ଼ (ଜି.କେ.ଇ.ଏଲ୍.) ହେଉଛି ଜି.ଏମ୍. ଆର.ଏନର୍ଜି ଲିମିଟେଡ଼ (ଜି.ଏମ୍.ଆର.ଏନର୍ଜି) ଦ୍ୱାରା ସ୍ୱତନ୍ତ୍ର ଉଦ୍ଦେଶ୍ୟ ହାସଲ ପାଇଁ ସ୍ଥାପନ କରାଯାଇଥିବା ଏକ କମ୍ପାନୀ । ଜି.କେ. ଇ. ଏଲ୍.ର ଉଦ୍ଦେଶ୍ୟ ହେଲା ଭାରତର ଓଡ଼ିଶା ରାଜ୍ୟରେ ଢ଼େଙ୍କାନାଳ ଜିଲ୍ଲା ଅନ୍ତର୍ଗତ କମଲାଙ୍ଗ ଗାଁ ନିକଟରେ ଏକ ବଡ଼ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର (କମଲାଙ୍ଗ ପ୍ରକଳ୍ପ, ପ୍ରକଳ୍ପ) ସ୍ଥାପନ କରିବା ଓ ତାହାକୁ ଚଳାଇବା । ମଇ ୨୦୦୯ ମସିହାରେ କମଲାଙ୍ଗ ପ୍ରକଳ୍ପ ଏହାର ପୁଞ୍ଜି ବିନିଯୋଗ ଆବଶ୍ୟକତା ପୂରଣ ପାଇଁ ମୋଟ ୯୫୩ ମିଲିୟନ ଡଲାର ଅର୍ଥ (ଉଭୟ ଋଣ ଏବଂ ଅଂଶଧନ ବାବଦକୁ) ଯୋଗାଡ଼ କରି ଦେଇଥିଲା[୫] । କମଲାଙ୍ଗ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ୩୫୦ ମେଗାୱାଟ ବିଶିଷ୍ଟ ତିନୋଟି ଏକକ ରହିଛି ଏବଂ ଏଗୁଡ଼ିକ ଏବେ ଶକ୍ତି ଉତ୍ପାଦନ କରୁଛନ୍ତି[୬] । ପ୍ରସ୍ତାବିତ ଦ୍ୱିତୀୟ ପର୍ଯ୍ୟାୟରେ ଅତିରିକ୍ତ ୩୫୦ ମେଗାୱାଟ ଉତ୍ପାଦନ କ୍ଷମତା ଯୋଡ଼ାଯିବା କଥା । ମାତ୍ର ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ, ଏହି ଏକକର ନିର୍ମାଣ ଆରମ୍ଭ ହୋଇନଥିଲା ।

---

[3] ଫଣ୍ଡ୍ ଏହା ବିନିଯୋଗ କରୁଥିବା ପ୍ରକଳ୍ପଗୁଡ଼ିକୁ "ପୋର୍ଟଫୋଲିଓ କମ୍ପାନୀ" ବୋଲି ଅଭିହିତ କରେ ।

[୪] "ପୋର୍ଟଫୋଲିଓ କମ୍ପାନୀ" ଆଖ୍ୟାଟି ସେହି କମ୍ପାନୀଗୁଡ଼ିକ କ୍ଷେତ୍ରରେ ବ୍ୟବହାର କରାଯାଏ ଯେଉଁଥିରେ "ଫଣ୍ଡ୍"ର ପୁଞ୍ଜି ନିବେଶିତ ହୋଇଛି ।

[୫] ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ଦାଖଲ ସୂଚନା, ମଇ ୨୭, ୨୦୦୯

[୬] ଦି' ହିନ୍ଦୁ, ମାର୍ଚ୍ଚ ୨୫, ୨୦୧୪, ଜି.ଏସ୍.ଆରର କମଲାଙ୍ଗ ତାପଜବିଦ୍ୟୁତ କେନ୍ଦ୍ରର ତୃତୀୟ ୟୁନିଟ୍ କାର୍ଯ୍ୟକ୍ଷମ । http://goo.gl/u19EBF ଦେଖନ୍ତୁ

ଆଇ.ଏଫ୍.ସି. ଫଣ୍ଡ୍ ମାଧ୍ୟମରେ ଜି.କେ.ଇ.ଏଲ୍.ରେ ୧୫% ଅଂଶଧନ ବିନିଯୋଗ କରିଥିବାରୁ କମଲାଙ୍ଗ ପ୍ରକଳ୍ପ ସହ ସଂପୃକ୍ତ[୭] । ଜାନୁଆରୀ ୨୦୦୯ ଏବଂ ଜୁନ୍ ୨୦୧୪ ମଧ୍ୟରେ ଆଇ.ଏଫ୍.ସି. ୧୦ଟି କିସ୍ତିରେ ଫଣ୍ଡ୍‌କୁ ଅର୍ଥ ପ୍ରଦାନ କରିଛି, ଯାହା ଫଣ୍ଡ୍ ଏହି ପ୍ରକଳ୍ପରେ ବିନିଯୋଗ କରିପାରିଛି ।

## *ଅଭିଯୋଗ*

୨୦୧୧ ମସିହାରେ ସି.ଏ.ଓ. କମଲାଙ୍ଗ ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ ପ୍ରଭାବ ସଂପର୍କରେ ଏକ ଅଭିଯୋଗ ପାଇଲା । ପ୍ରକଳ୍ପ ପ୍ରଭାବିତ ଗ୍ରାମଗୋଷ୍ଠୀମାନେ ଦୁଇଟି ଅଣ ସରକାରୀ ଅନୁଷ୍ଠାନ ଓଡ଼ିଆ ଚାଷ ପରିବେଶ ସୁରକ୍ଷା ପରିଷଦ ଏବଂ ଦିଲ୍ଲୀ ଫୋରମ୍‌ର (ଅଭିଯୋଗକାରୀମାନେ) ସହଯୋଗରେ ଏହି ଅଭିଯୋଗ କରିଥିଲେ । ଅଭିଯୋଗକାରୀମାନେ ପ୍ରକଳ୍ପର ପ୍ରଭାବ ସଂପର୍କରେ ସେମାନଙ୍କର ଚିନ୍ତା ପ୍ରକଟ କରିଥିଲେ । ସେମାନଙ୍କର ଅଭିଯୋଗ ଯେ ପ୍ରକଳ୍ପର ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟ, ଜୀବିକା ଏବଂ ମାନବିକ ଅଧିକାର ସଂକଟଗ୍ରସ୍ତ ।

ଅଧିକ ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ, ଅଭିଯୋଗକାରୀମାନେ ପ୍ରକଳ୍ପ କ୍ଷେତ୍ରରେ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ରୂପାୟନକୁ ନେଇ ନିମ୍ନ ପ୍ରସଙ୍ଗମାନ ଉତ୍‌ଥାପନ କରିଥିଲେ ।

- **କାର୍ଯ୍ୟଦକ୍ଷତା ମାନଦଣ୍ଡ -୧ (ସାମାଜିକ ଏବଂ ପାରିବେଶିକ ଆକଳନ ଏବଂ ପରିଚାଳନା ବ୍ୟବସ୍ଥାମାନ)** - ଅଭିଯୋଗରେ ଦାବି କରାଯାଇଛି ଯେ ଆଦିମ ଅଧିବାସୀମାନଙ୍କ ସମେତ ଗ୍ରାମଗୋଷ୍ଠୀମାନଙ୍କ ସହ କରାଯାଇଥିବା ବିଚାର ବିମର୍ଶ ଭଲ ଭାବରେ କରାଯାଇନାହିଁ ଏବଂ ଏ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଶିଳ୍ପସଂସ୍ଥାଗୁଡ଼ିକ ସହ ସାମୁହିକରୂପେ ପ୍ରକଳ୍ପଟି କ'ଣ ପ୍ରଭାବ ପକାଇବ ସେ ସଂପର୍କରେ ଆଦୌ ବିଚାର କରାଯାଇ ନାହିଁ । ଏହି ଅଭିଯୋଗରେ, ପ୍ରକଳ୍ପ ଦ୍ୱାରା ଏକ ଗଭୀର ନଳକୂପ ଖନନ କରାଯାଇ ଭୂତଳ ଜଳ ଆହରଣ ଏବଂ ଏହା ଆଖପାଖର ଗାଁଗୁଡ଼ିକ ଭୂତଳ ଜଳର ଉପଲବ୍ଧତା ଉପରେ ପ୍ରଭାବ ପକାଇବା ସଂପର୍କରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି ।
- **କାର୍ଯ୍ୟଦକ୍ଷତା ମାନଦଣ୍ଡ ୩ (ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ)** - ଅଭିଯୋଗରେ ଆଶଂକା ବ୍ୟକ୍ତ କରାଯାଇଛି ଯେ ପ୍ରକଳ୍ପ ଫଳରେ ବର୍ତ୍ତମାନର ପ୍ରଦୂଷଣ ମାତ୍ରା (ବିଶେଷ କରି ବ୍ରାହ୍ମଣୀ ନଦୀରେ) ବହୁଗୁଣ ବଢ଼ିଯିବ । ପ୍ରକଳ୍ପ ତରଫରୁ ପ୍ରଦୂଷଣ ନିରାକରଣ ସକାଶେ କ'ଣ ପଦକ୍ଷେପମାନ ଗ୍ରହଣ କରାଯିବାର ଅଛି ସେ ସଂପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ । ଏହି

[୭] ଭି.ସି. ସର୍କଲ, ଅକ୍ଟୋବର ୮, ୨୦୦୯, http://goo.gl/sk7kdC ଦେଖନ୍ତୁ

ଅଭିଯୋଗରେ ପ୍ରକଳ୍ପରୁ ହେଉଥିବା ବାୟୁ ପ୍ରଦୂଷଣ ଫଳରେ ସୃଷ୍ଟି ହେବାକୁ ଥିବା ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି ।

- **କାର୍ଯ୍ୟଦକ୍ଷତା ମାନଦଣ୍ଡ ୪ (ଗୋଷ୍ଠୀ ସ୍ୱାସ୍ଥ୍ୟ, ନିରାପତ୍ତା ଓ ସୁରକ୍ଷା)** - ଅଭିଯୋଗରେ ଗାଁର କୋଠାବାଡ଼ିର ହୋଇଥିବା ଢ଼ାଞ୍ଚାଗତ କ୍ଷୟକ୍ଷତି ସଂପର୍କରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି । ସେମାନେ ଦାବୀ କରିଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହୃତ ଡ଼ିନାମାଇଟ୍ ଯୋଗୁଁ ଏପରି ଢ଼ାଞ୍ଚାଗତ କ୍ଷୟକ୍ଷତି ହୋଇଛି । ଏହି ଅଭିଯୋଗରେ ଗ୍ରାମବାସୀମାନଙ୍କୁ ପ୍ରକଳ୍ପର ସିକ୍ୟୁରିଟି ଗାର୍ଡମାନେ ଭୟଭୀତ କରିବା, ଏବଂ ପ୍ରକଳ୍ପର ବିରୋଧ କରୁଥିବା ଗ୍ରାମଗୋଷ୍ଠୀର ସଦସ୍ୟମାନଙ୍କୁ ଗିରଫ କରାଇବାର ଅଭିଯୋଗ ସଂପର୍କରେ ମଧ୍ୟ ଦର୍ଶାଯାଇଥିଲା ।
- **କାର୍ଯ୍ୟଦକ୍ଷତା ମାନଦଣ୍ଡ ୫ (ଭୂମି ଅଧିଗ୍ରହଣ ଏବଂ ବାଧ୍ୟତାମୂଳକ ପୁନଃ ଥଇଥାନ)**- ଅଭିଯୋଗରେ ଅଧିଗ୍ରହଣ କରାଯାଇଥିବା ଜମି, ଫସଲ, ଗଛ ଏବଂ ଜଳାଶୟ ବାବଦକୁ ଯଥେଷ୍ଟ କ୍ଷତିପୂରଣ ଦେବାରେ ବ୍ୟର୍ଥତା ତଥା ଏହାର ଆନୁସଂଗିକ ପ୍ରକଳ୍ପଗୁଡ଼ିକ ଯୋଗୁଁ ଜୀବିକା ନଷ୍ଟର ପ୍ରତିକାର କରିବାରେ ପ୍ରକଳ୍ପର ବ୍ୟର୍ଥତା ସଂପର୍କରେ ଚିନ୍ତା ପ୍ରକଟ କରାଯାଇଛି ।
- **କାର୍ଯ୍ୟଦକ୍ଷତା ମାନଦଣ୍ଡ -୬ (ଆଦିମ ଅଧିବାସୀ)** - ଏହି ଅଭିଯୋଗରେ ଦୋଷାରୋପ କରାଯାଇଛି ଯେ ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ଅନୁସୂଚୀତ ଜନଜାତିମାନଙ୍କର ଏବଂ ଆବଶ୍ୟକୀୟ ବିଚାର ବିମର୍ଶ କରା ନ ଯାଇ ଜମି ଅଧିଗ୍ରହଣ କରାଯାଇଛି ।

## *ସି.ଏ.ଓ.ର ଅନୁଧ୍ୟାନ ରିପୋର୍ଟ*

୨୦୧୫ ମସିହା ଅକ୍ଟୋବର ମାସରେ ସି.ଏ.ଓ. ତା'ର ଅନୁଧ୍ୟାନ ରିପୋର୍ଟକୁ ଚୂଡ଼ାନ୍ତ କଲା । ସି.ଏ.ଓ. ଏକଥା ସ୍ୱୀକାର କରିଛି ଯେ ଆର୍ଥିକ ମଧ୍ୟସ୍ଥମାନଙ୍କୁ ସେମାନଙ୍କର ନିଜସ୍ୱ ପାରିବେଶିକ ଓ ସାମାଜିକ ପରିଚାଳନା ବ୍ୟବସ୍ଥା ବିକଶିତ କରିବା ସକାଶେ ଆଇ.ଏଫ୍.ସି.ର ସହାୟତା ଏହାର ପାରିବେଶିକ ଓ ସାମାଜିକ  ମାନଦଣ୍ଡର ପହୁଞ୍ଚ ତଥା ପ୍ରଭାବ ବଢ଼ାଇବା ସକାଶେ ଯଥେଷ୍ଟ ସମ୍ଭାବନା ବହନ କରୁଛି । ଏହା ଫଳରେ ଆଇ.ଏଫ୍.ସି.ର ବିକାଶମୂଳକ ପ୍ରଭାବ ମଧ୍ୟ ବଢ଼ିବ ।  ଏହା ସଙ୍ଗେ ସଙ୍ଗେ ସି.ଏ.ଓ. ତା'ର ରିପୋର୍ଟରେ ଫଣ୍ଡରେ ଆଇ.ଏଫ୍.ସି.ର ବିନିଯୋଗ ସଂକ୍ରାନ୍ତରେ ଏକାଧିକ ଅନୁପାଳନ ସଂକ୍ରାନ୍ତୀୟ ବିଚ୍ୟୁତି ସଂପର୍କରେ ମଧ୍ୟ ଉଲ୍ଲେଖ କରିଛି । ଏଗୁଡ଼ିକ (କ) ଫଣ୍ଡରେ ବିନିଯୋଗ ପୂର୍ବ ଅବସ୍ଥାରେ ନିୟମ ପାଳନ (ଖ) ଫଣ୍ଡରେ ପାରିବେଶିକ ଓ ସାମାଜିକ ଝୁଙ୍କିଗୁଡ଼ିକର ପରିଚାଳନା ଗତ ଢ଼ାଞ୍ଚା (ଗ) ଫଣ୍ଡ୍ ତଥା କମଳାଙ୍ଗ ପ୍ରକଳ୍ପ ସଂକ୍ରାନ୍ତରେ ଆଇ.ଏଫ୍.ସି.ର ତଦାରଖ (ଷ୍ଟଙ୍କକ୍ଷରକ୍ସଙ୍ଗସକ୍ସସକ୍ଷଭ) ଏବଂ (ଘ) ସ୍ୱତ୍ୟପ୍ରବୃତ୍ତ ଭାବେ

ସୂଚନା ଜଣାଇବା ସକାଶେ ଆଇ.ଏଫ୍.ସି.ର ପ୍ରତିବଦ୍ଧତା ଇତ୍ୟାଦି ସଂପର୍କିତ । ନିମ୍ନରେ ସି.ଏ.ଓ.ର ସିଦ୍ଧାନ୍ତ ସଂପର୍କରେ ଦର୍ଶାଯାଇଛି :-

## (କ) ଫଣ୍ଡ୍‌ରେ ଆଇ.ଏଫ୍.ସି.ର ପ୍ରାକ୍ - ପୁଞ୍ଜିନିବେଶ ନିୟମ ପାଳନ

- ଏହି ପୁଞ୍ଜି ନିବେଶକୁ ଆଇ.ଏଫ୍.ସି. ଏଫ୍-୧ ଶ୍ରେଣୀର ବୋଲି ବର୍ଗୀକରଣ କରିବା ସଂପୂର୍ଣ୍ଣ ରୂପେ ଯଥାର୍ଥ ଏବଂ ଆଇ.ଏଫ୍.ସି. ଉଲ୍ଲେଖ୍ୟ କରିଛି ଯେ ଫଣ୍ଡ୍ ପକ୍ଷରୁ ଖୁବ୍‌ବେଶି ଝୁଙ୍କି ଥିବା ପୁଞ୍ଜି ନିବେଶ କରିବାକୁ ଯୋଜନା କରିଥିଲା । ତେବେ ପ୍ରାକ୍-ପୁଞ୍ଜି ନିବେଶ ନିୟମ ପାଳନ କ୍ଷେତ୍ରରେ ଆଇ.ଏଫ୍.ସି. ପାରିବେଶିକ ଏବଂ ସାମାଜିକ ଯାଞ୍ଚ ବ୍ୟବସ୍ଥା (ଇ.ଏସ୍.ଏମ୍.ଏସ୍.) କ୍ଷେତ୍ରରେ ଗ୍ରାହକର ପୂର୍ବ ରେକର୍ଡ଼ ସଂପର୍କରେ ଯଥାଯଥ ଆକଳନ କରିନଥିଲା କି' ଅଧିକ ଝୁଙ୍କି ଥିବା ପୁଞ୍ଜି ନିବେଶ ସକାଶେ ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାକୁ ନଜରରେ ରଖି ଏକ ଇ.ଏସ୍.ଏମ୍. ବ୍ୟବସ୍ଥା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଗ୍ରାହକର ଦକ୍ଷତାର ସଠିକ ଆକଳନ କରିପାରି ନଥିଲା । ଏହି ପରି ଭାବରେ ସି.ଏ.ଓ. ଜାଣିବାକୁ ପାଇଲା ଯେ ଆଇ.ଏଫ୍.ସି. ନିକଟରେ ଏହା ଫଣ୍ଡ୍ ମାଧ୍ୟମରେ କରୁଥିବା ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତାମାନ ପୂରଣ କରାଯାଇ ପାରିବ କି' ନାହିଁ ସେପରି ନିର୍ଯ୍ୟାସରେ ପହଞ୍ଚିବା ପାଇଁ କୌଣସି ଆଧାର ନଥିଲା ।

## (ଖ) ଫଣ୍ଡ୍‌ରେ ଇ. ଏଣ୍ଡ ଏସ୍. ଝୁଙ୍କିର ପରିଚାଳନା ପାଇଁ ଢ଼ାଞ୍ଚା

- ଫଣ୍ଡ୍‌ରେ ଆଇ.ଏଫ୍.ସି.ର ବିନିଯୋଗକୁ ନିୟନ୍ତ୍ରିତ କରୁଥିବା ଚୁକ୍ତିଗୁଡ଼ିକରେ ପୁଞ୍ଜି ବିନିଯୋଗ ପରେ କୌଣସି ପାରିବେଶିକ ତଥା ସାମାଜିକ ସମସ୍ୟା ଦେଖା ଦେଲେ ସେଗୁଡ଼ିକୁ ନିୟନ୍ତ୍ରିତ କରିବା ସକାଶେ ଆଇ.ଏଫ୍.ସି. ନିକଟରେ ବିଶେଷ କୌଣସି ସୁବିଧାଜନକ ସର୍ତ୍ତ ନଥିଲା । ବିଶେଷ କରି ଫଣ୍ଡ୍‌ର କୌଣସି ପୁଞ୍ଜିନିବେଶ / ବିନିଯୋଗ କ୍ଷେତ୍ରରେ ଆଇ.ଏଫ୍.ସି. ଅଂଶଗ୍ରହଣ କରିବାକୁ ମନା କରିଦେଲେ ଆଇ.ଏଫ୍.ସି.କୁ ବଡ଼ ଧରଣର ଅର୍ଥଦଣ୍ଡ ଦେବାକୁ ପଡ଼ିବାର ବିପଦ ରହିଥିଲା । କୌଣସି ପୋର୍ଟ ଫୋଲିଓ କମ୍ପାନୀର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତାକୁ ନେଇ କୌଣସି ଅଭିଯୋଗ ଆସିଲେ, କୌଣସି ସଂଶୋଧନମୂଳକ ପଦକ୍ଷେପର ରୂପାୟନକୁ ପ୍ରଭାବିତ କରିବା କ୍ଷେତ୍ରରେ ଆଇ.ଏଫ୍.ସି.ର କ୍ଷମତା ଯଥେଷ୍ଟ ସୀମିତ ଥିଲା ।
- ଏହି ପୃଷ୍ଠଭୂମିରେ ସି.ଏ.ଓ. ଜାଣିବାକୁ ପାଇଛି ଯେ ଫଣ୍ଡ୍‌ରେ ଆଇ.ଏଫ୍.ସି. ପୁଞ୍ଜି ବିନିଯୋଗକୁ ନିୟନ୍ତ୍ରିତ କରୁଥିବା ଚୁକ୍ତିନାମାଗୁଡ଼ିକ ଆଇ.ଏଫ୍.ସି. ଦ୍ୱାରା ଘୋଷିତ ପାରିବେଶିକ ଏବଂ ସାମାଜିକ

ଉଦ୍ଦେଶ୍ୟ ପୂରଣ ପାଇଁ ସହାୟକ ନୁହନ୍ତି । ଆଇ.ଏଫ୍.ସି.ର ଘୋଷିତ ଉଦ୍ଦେଶ୍ୟରେ କୁହାଯାଇଛି "ଆଇ.ଏଫ୍.ସି. ଏକଥା ସୁନିଶ୍ଚିତ କରାଇବ ଯେ ଯେଉଁ ପ୍ରକଳ୍ପଗୁଡ଼ିକରେ ଏହାର ପୁଞ୍ଜି ବିନିଯୋଗ କରାଯାଇଛି ସେଗୁଡ଼ିକ କାର୍ଯ୍ୟଦକ୍ଷତା ମାନଦଣ୍ଡ (ନିରନ୍ତରତା ନୀତି, ଅନୁଚ୍ଛେଦ ୫)ର ଆବଶ୍ୟକତା ଅନୁଯାୟୀ ଚଳାଯାଉଛି ।"

## (ଗ) ଆଇ.ଏଫ୍.ସି. ଦ୍ୱାରା ଫଣ୍ଡର ପର୍ଯ୍ୟବେକ୍ଷଣ ଏବଂ କମଲାଙ୍ଗ ପ୍ରକଳ୍ପ

- ସି.ଏ.ଓ. ବିଚାରରେ ଆଇ.ଏଫ୍.ସି. ଦ୍ୱାରା ଫଣ୍ଡର ପର୍ଯ୍ୟବେକ୍ଷଣ ଯଥେଷ୍ଟ ନଥିଲା । ସି.ଏ.ଓ. ଏପରି ମତପୋଷଣ ନିମ୍ନ ଆଧାରରେ କରିଛି –

କ. ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ଅନୁପାଳନ କରିବା ସକାଶେ ଫଣ୍ଡର ଏକ ଉପଯୁକ୍ତ ଇ.ଏସ୍.ଏମ୍.ଏସ୍. ଅଛି କି ନାହିଁ ସେ'କଥା ନିଶ୍ଚିତ ନ'କରି ଆଇ.ଏଫ୍.ସି. ପୁଞ୍ଜି ହସ୍ତାନ୍ତର କରିଥିଲା ।

ଖ. ପ୍ରାରମ୍ଭିକ ଅବସ୍ଥାରେ ଆଇ.ଏଫ୍.ସି. ଦ୍ୱାରା ଫଣ୍ଡର ଇ.ଏସ୍.ଏମ୍.ଏସ୍. ସଂପର୍କରେ କରାଯାଇଥିବା ପର୍ଯ୍ୟବେକ୍ଷଣରୁ ଯଥେଷ୍ଟ ପ୍ରମାଣ ମିଳୁନାହିଁ ଯେ ଏହି ଇ.ଏସ୍.ଏମ୍.ଏସ୍. କାର୍ଯ୍ୟଦକ୍ଷତା ମାନଦଣ୍ଡର ଅନୁପାଳନ କରିବା ପାଇଁ ଉପଯୁକ୍ତ ଥିଲା ବୋଲି ।

ଗ. ଯେତେବେଳେ ଆଇ.ଏଫ୍.ସି. ଜାଣିବାକୁ ପାଇଲା ଯେ ଫଣ୍ଡର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନୁହେଁ, ସେତେବେଳେ ଆଇ.ଏଫ୍.ସି. ଚିହ୍ନଟ କରାଯାଇଥିବା ଅଭାବଗୁଡ଼ିକର ସମାଧାନ କରିବା ସ୍ଥିତିରେ ନ'ଥିଲା ।

ସି.ଏ.ଓ. ଜାଣିବାକୁ ପାଇଛି ଯେ ଆଇ.ଏଫ୍.ସି. ପକ୍ଷରୁ କମଲାଙ୍ଗ ପ୍ରକଳ୍ପ ସଂପର୍କରେ କରଯାଇଥିବା ସମୀକ୍ଷା, ଏହି ପ୍ରକଳ୍ପଟି କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିପାରିବ ବୋଲି ଏକ ଗ୍ରହଣ ଯୋଗ୍ୟ ଆଶାର ସଂଚାର କରିବା ସକାଶେ ଯଥେଷ୍ଟ ନ' ଥିଲା । ଏହି ପ୍ରକଳ୍ପ ସଂପର୍କିତ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବା ପରେ ସି.ଏ.ଓ. ଜାଣିବାକୁ ପାଇଲା ଯେ ସ୍ଥାନୀୟ ଗୋଷ୍ଠୀମାନଙ୍କ ଉପରେ ପଡୁଥିବା ଗୁରୁତର ଦୀର୍ଘକାଳୀନ ପ୍ରଭାବ ତଥା ଉପଯୁକ୍ତ ଭାବେ ଦଲିଲକରଣ ହୋଇଥିବା ପାରିବେଶିକ ଏବଂ ସାମାଜିକ ପ୍ରଭାବଗୁଡ଼ିକ ସଂପର୍କରେ ଆଇ.ଏଫ୍.ସି. ଯଥାଯଥ ପଦକ୍ଷେପ ଗ୍ରହଣ କରି ନାହିଁ । ବରଂ ପ୍ରକଳ୍ପକୁ ଆଗେଇନେବା ପାଇଁ ଆଇ.ଏଫ୍.ସି. ଫଣ୍ଡକୁ ନିୟମିତ ରୂପେ ଅର୍ଥ ଯୋଗାଇ ଚାଲିଥିଲା ।

### (ଘ) ଆଇ.ଏଫ୍.ସି.ର ସୂଚନା ପ୍ରଘଟର ଦାୟିତ୍ୱ

- ଆଇ.ଏଫ୍.ସି. ଏହାର ସ୍ୱତଃ ପ୍ରବୃତ୍ତ ସୂଚନା ପ୍ରକାଶର ଦାୟିତ୍ୱ ନିର୍ବାହ କରିଥିଲା ।
- ସି.ଏ.ଓ. ଜାଣିବାକୁ ପାଇଲା ଯେ ଫଣ୍ଡ୍ ପକ୍ଷରୁ କାର୍ଯ୍ୟଦକ୍ଷତା ମାନଦଣ୍ଡ-୧ ଅନୁଯାୟୀ ପାରିବେଶିକ ତଥା ସାମାଜିକ ଆକଳନ ଏବଂ ପାରିବେଶିକ ତଥା ସାମାଜିକ କାର୍ଯ୍ୟଯୋଜନା ସଂପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରୁଛି କି' ନାହିଁ, ସେ ସଂପର୍କରେ ଆଇ.ଏଫ୍.ସି. ଯଥେଷ୍ଟ ପର୍ଯ୍ୟବେକ୍ଷଣ କରିନାହିଁ । ଫଣ୍ଡ୍ର ପରିଚାଳନା କ୍ଷେତ୍ରରେ ହେଉ ଅଥବା ପ୍ରକଳ୍ପ କ୍ଷେତ୍ରରେ, ପରିସ୍ଥିତି ଅପରିବର୍ତ୍ତିତ ରହିଥିଲା ।
- ପୁନଶ୍ଚଃ, ସି.ଏ.ଓ. ଜାଣିବାକୁ ପାଇଲା ଯେ ଆଇ.ଏଫ୍.ସି. ନିଜ ପାଇଁ ଏହା ସୁନିଶ୍ଚିତ କଲା ନାହିଁ ଯେ ଫଣ୍ଡ୍ ପକ୍ଷରୁ ଏକ ଅଭିଯୋଗ ଶୁଣାଣୀ ବ୍ୟବସ୍ଥାର ପ୍ରଚଳନ କରାଯାଇଛି, ଯାହା ସଂପର୍କରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗୋଷ୍ଠୀ ସୂଚାରୁରୂପେ ଅବଗତ ଥିବେ । କାର୍ଯ୍ୟଦକ୍ଷତା ମାନଦଣ୍ଡ-୧ ଏହା ହିଁ ଆବଶ୍ୟକ କରେ ।

# ଆଇ.ଏଫ୍.ସି.ର ଉତ୍ତର, ଫଣ୍ଡ୍ ଏବଂ ପ୍ରକଳ୍ପ କାର୍ଯ୍ୟକଳାପ ଏବଂ ଆଇ.ଏଫ୍.ସି.ର ପର୍ଯ୍ୟବେକ୍ଷଣ

## ଆଇ.ଏଫ୍.ସି.ର ଉତ୍ତର

ଆଇ.ଏଫ୍.ସି. ଏହାର ଆଧିକାରିକ ଉତ୍ତରରେ ଫଣ୍ଡ୍ ପରିପ୍ରେକ୍ଷୀରେ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ଏବଂ ଜି.କେ.ଇ.ଏଲ୍.ରେ ପୁଞ୍ଜି ନିବେଶ କ୍ଷେତ୍ରରେ ତାହାର ଅଭିଜ୍ଞତା ସଂପର୍କରେ ସି.ଏ.ଓ. ଦେଇଥିବା ସାଧାରଣ ମତାମତ ସହ ସହମତି ପ୍ରକାଶ କରିଛି । ଆଇ.ଏଫ୍.ସି. ଏକଥା ଦର୍ଶାଇଛି ଯେ ଫଣ୍ଡ୍ରେ ପୁଞ୍ଜି ବିନିଯୋଗ ଅନୁମୋଦନ ପାଇଥିବାରୁ, ଆଇ.ଏଫ୍.ସି. ଫଣ୍ଡ୍ ମ୍ୟାନେଜରଙ୍କର ଷ୍ଟ୍ରକ୍ଚରାଲ କ୍ୱାରମଣ୍ଟକ୍ସ୍ୟ, ସୁଚାରୁରୂପେ ସମ୍ପୃକ୍ତ ନିୟମାବଳୀର ପାଳନ, ନିଷ୍ଠା ଏବଂ ପାରିବେଶିକ ତଥା ସାମାଜିକ କ୍ଷେତ୍ରରେ ଅନୁଷ୍ଠାନ ମଧ୍ୟରେ ଥିବା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥିଲା । ଆଇ.ଏଫ୍.ସି. ଘରୋଇ ଇକ୍ୱିଟି ବିନିଯୋଗ ଚୁକ୍ତି ବ୍ୟବସ୍ଥାକୁ ବଳିଷ୍ଠ କରିବା ସକାଶେ ଏହା ଗ୍ରହଣ କରିଥିବା ପଦକ୍ଷେପ, ଘରୋଇ ଇକ୍ୱିଟି

ବିନିଯୋଗର ପରିଦର୍ଶନ କ୍ଷେତ୍ରରେ ଏହାର ଆଭିମୁଖ୍ୟ ଏବଂ ତଥ୍ୟ ଉନ୍ମୋଚନ ଇତ୍ୟାଦି ବିଷୟରେ ମଧ୍ୟ ଜଣାଇଥିଲା[୮] ।

ଆଇ.ଏଫ୍.ସି.ର ଜବାବ୍‌ରେ ମୋଟାମୋଟି ଭାବେ ପାରିବେଶିକ ତଥା ସାମାଜିକ ଝୁଙ୍କି ପରିଚାଳନା କ୍ଷେତ୍ରରେ ନିଜର ଆଭିମୁଖ୍ୟକୁ ଅଧିକ ଫଳପ୍ରଦ କରିବା ସକାଶେ ଫଣ୍ଡ୍ ଦ୍ୱାରା ଦିଆଯାଇଥିବା କାର୍ଯ୍ୟର ପ୍ରତିଶ୍ରୁତି ସଂପର୍କ ମଧ୍ୟ ଅନ୍ତର୍ଭୁକ୍ତ (ଆଇ.ଏଫ୍.ସି., ଆଇ.ଆଇ.ଏଫ. ଇ. ଏସ୍.ଏ.ପି.) । ଫଣ୍ଡ୍ ମୁଖ୍ୟତଃ ଏକଥା ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲା ଯେ; (କ) ସମସ୍ତ କ ଶ୍ରେଣୀର ପୋର୍ଟ ଫୋଲିଓ କମ୍ପାନୀଗୁଡ଼ିକ ୨୦୧୬, ସେପ୍ଟେମ୍ବର ସୁଦ୍ଧା ତୃତୀୟ ପକ୍ଷଦ୍ୱାରା ଅଡ଼ିଟ କରାଇବେ ଯାହାକି କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ ଅନୁପାଳନ କରାଯାଇଛି କି ନାହିଁ ସେକଥା ଯାଞ୍ଚ କରିବ (ଖ) ତୃତୀୟ ପକ୍ଷ ଅଡ଼ିଟ୍ ଦ୍ୱାରା ଯଦି କିଛି ତ୍ରୁଟି ବିଚ୍ୟୁତି ଚିହ୍ନଟ ହୋଇଥାଏ ତେବେ ଡ଼ିସେମ୍ବର ୨୦୧୬ ସୁଦ୍ଧା ପୋର୍ଟ ଫୋଲିଓ କମ୍ପାନୀଗୁଡ଼ିକ ସେଗୁଡ଼ିକର ସଂଶୋଧନ ସକାଶେ ସହମତ ହେବେ (ଗ) କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତା ମୁତାବକ ଗ୍ରହଣ କରାଯାଉଥିବା ସଂଶୋଧନ କାର୍ଯ୍ୟଯୋଜନାକୁ ରୂପାୟିତ କରିବେ ଏବଂ ଏକଥାକୁ ଘୋଷଣା କରିବେ ଏବଂ (ଘ) କାର୍ଯ୍ୟ ଯୋଜନା ସଂପୂର୍ଣ୍ଣ ରୂପେ ରୂପାୟିତ ହେବା ସଂପର୍କରେ ଏକ ତୃତୀୟ ପକ୍ଷ ଅଡ଼ିଟ୍ କରାଇବେ[୯] ।

ଆଇ.ଏଫ୍.ସି. ଜୋର ଦେଇ ଏକଥା କହିଥିଲା ଯେ ଏହା ଫଣ୍ଡ୍ ଏବଂ ଜି.କେ.ଇ.ଏଲ୍. ସହ ମିଳିତ ଭାବେ କାର୍ଯ୍ୟକରି ପ୍ରକଳ୍ପର କାର୍ଯ୍ୟଦକ୍ଷତା ବଢ଼ାଇବା ସଙ୍ଗେ ସଙ୍ଗେ ପୂର୍ବର ଅସମାହିତ ସମସ୍ୟା / ପ୍ରସଙ୍ଗଗୁଡ଼ିକର ସମାଧାନ ମଧ୍ୟ କରିବ । ଆଇ.ଏଫ୍.ସି. ଏକଥା ସ୍ୱୀକାର କରିଛି ଯେ ଏହା – "ସମସ୍ୟାର ସମାଧାନ ସକାଶେ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନର ଉଚ୍ଚତମ ସ୍ତରରେ ବିଚାର ଆଲୋଚନା କରି ସମସ୍ୟାଗୁଡିକର ସମାଧାନ କରିବା ସକାଶେ ଏକ ସକାରାତ୍ମକ ତଥା ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରିଛି"[୧୦] । ଆଇ.ଏଫ୍.ସି. ଜଣାଇଛି ଯେ ଏହା ଜି.କେ.ଇ.ଏଲ୍. ଏବଂ ଆଇ.ଆଇ.ଏଫ୍. ସହ ଜି.କେ.ଇ.ଏଲ ପାଇଁ ଏକ ସ୍ୱତନ୍ତ୍ର

---

[୮] ସି.ଏ.ଓ. ଅନୁସନ୍ଧାନ ରିପୋର୍ଟ ପାଇଁ ଆଇ.ଏଫ୍.ସି.ର ଆଧିକାରୀକ ଉତ୍ତର:ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ୍, ଅକ୍ଟୋବର ୨୦୧୫

**[୯] ସି.ଏ.ଓ. ଅନୁସନ୍ଧାନ ରିପୋର୍ଟ ପାଇଁ ଆଇ.ଏଫ୍.ସି.ର ଆଧିକାରୀକ ଉତ୍ତର:ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ୍, ଅକ୍ଟୋବର ୨୦୧୫**

**[୧୦] ସି.ଏ.ଓ. ଅନୁସନ୍ଧାନ ରିପୋର୍ଟ ପାଇଁ ଆଇ.ଏଫ୍.ସି.ର ଆଧିକାରୀକ ଉତ୍ତର:ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ୍, ଅକ୍ଟୋବର ୨୦୧୫, ପରିଶିଷ୍ଟ -କ**

କାର୍ଯ୍ୟଯୋଜନା ସଂପର୍କରେ ସହମତି ହାସଲ ସକାଶେ ଆଲୋଚନା କରିଛି । ଆଇ.ଏଫ୍.ସି.ର ଜବାବରେ ଫଣ୍ଡ୍ ଏବଂ ଜି.କେ.ଇ.ଏଲ୍. ମଧ୍ୟରେ ସହମତି ହୋଇଥିବା ଏକ ଚିଠା କାର୍ଯ୍ୟ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା (ଆଇ.ଆଇ.ଏଫ୍. - ଜି.କେ.ଇ.ଏଲ୍. ଇ.ଏସ୍.ଏ.ପି.)। ବିଶେଷ କରି ଏହି କାର୍ଯ୍ୟ ଯୋଜନାରେ ଜି.କେ.ଇ.ଏଲ୍. ସକାଶେ କାର୍ଯ୍ୟ ନିର୍ଦ୍ଧାରଣ କରାଯାଇଥିଲା ଯେ (କ) ୨୦୧୪ ମସିହା ଜୁଲାଇ ମାସରେ ପ୍ରସ୍ତୁତ କରାଯାଇଥିବା ଇ.ଆର୍.ଏମ୍. କାର୍ଯ୍ୟ ଯୋଜନାକୁ ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରିବା (ଖ)୨୦୧୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଜୀବିକା ପୁନର୍ବାହାଲ ଯୋଜନା ଏବଂ ସ୍ୱାର୍ଥଗୋଷ୍ଠୀଙ୍କ ସହ ଆଲୋଚନା ଯୋଜନାକୁ ଚୂଡ଼ାନ୍ତ କରିବା (ଗ) ୨୦୧୬ ମସିହା ଜୁନ ସୁଦ୍ଧା ସ୍ୱାର୍ଥଗୋଷ୍ଠୀ ସହ ଆଲୋଚନା ଯୋଜନା ଏବଂ ୨୦୧୮ ମସିହା ଡ଼ିସେମ୍ବର ମାସ ଶେଷ ସୁଦ୍ଧା  ଜୀବିକା ପୁର୍ନବାହାଲ ଯୋଜନାର ରୂପାୟନ ସଂପୂର୍ଣ୍ଣ କରିବା (ଘ) ତୃତୀୟ ପକ୍ଷ ଅନୁମୋଦନ ଆଧାରରେ ପ୍ରଭାବିତ ଗୋଷ୍ଠୀମାନଙ୍କ ସହ ବିଚାର ବିମର୍ଷ କରି ଏକ ଅଭିଯୋଗ ଶୁଣାଣୀ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା (ଙ) ଅନୁମୋଦିତ କାର୍ଯ୍ୟକଳାପଗୁଡ଼ିକ ସୁଚାରୁ ରୂପେ ସଂପାଦିତ ହୋଇଛି କି ନାହିଁ ସେକଥା ନିଶ୍ଚିତ କରିବା ସକାଶେ ଏକ ସ୍ୱତନ୍ତ୍ର ଅଡ଼ିଟ୍ କରାଇବା ଏବଂ (ଚ) ଅଡ଼ିଟ୍ ଆକଳନ, କାର୍ଯ୍ୟଯୋଜନା ଏବଂ ବିଭିନ୍ନ ସମୟରେ ସଂଗୃହୀତ ତାଜା ତଥ୍ୟ  ସଂପର୍କରେ କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତା ମୁତାବକ ପ୍ରଭାବିତ ଗୋଷ୍ଠୀଗୁଡ଼ିକୁ ଜଣାଇବା[୧୧] ।

## ଆଇ.ଏଫ୍.ସି. ଦ୍ୱାରା ଫଣ୍ଡ୍‌ର ନିରୀକ୍ଷଣ : ସାଧାରଣ ଭାବେ ପାରିବେଶିକ ତଥା ସାମାଜିକ କାର୍ଯ୍ୟଦକ୍ଷତା

ସି.ଏ.ଓ.ର ଅନୁସଂଧାନ ରିପୋର୍ଟ ପ୍ରକାଶିତ ହେବା ପରଠାରୁ ଆଇ.ଏଫ୍.ସି. ଫଣ୍ଡ୍ ଦ୍ୱାରା ପ୍ରସ୍ତୁତ ୨୦୧୬ ଓ ୨୦୧୭ ଆର୍ଥିକ ବର୍ଷ ସକାଶେ ବାର୍ଷିକ ପାରିବେଶିକ କାର୍ଯ୍ୟଦକ୍ଷତା ରିପୋର୍ଟମାନ (ଏ.ଇ.ପି.ଆର୍.) ପାଇଛି[୧୨] । ମାର୍ଚ୍ଚ ୨୦୧୮ରେ ଆଇ.ଏଫ୍.ସି. ଏହା ଦଲିଲଭୁକ୍ତ କରିଛି ଯେ (କ) ଫଣ୍ଡ୍‌ର ୨୦୧୬ ଏବଂ ୨୦୧୭ର ଏ.ଇ.ପି.ଆର.ର ସମୀକ୍ଷା (ଖ) ଆଇ.ଏଫ୍. ସି. ଓ ଫଣ୍ଡ୍ ମଧ୍ୟରେ ହୋଇଥିବା ଅନେକଗୁଡ଼ିଏ ବୈଠକ ଏବଂ (ଗ) ଡ଼ିସେମ୍ବର ୨୦୧୭ରେ ଅନ୍ୟ ଦୁଇଟି ପୋର୍ଟ ଫୋଲିଓ କମ୍ପାନୀକୁ କ୍ଷେତ୍ର ପରିଦର୍ଶନ କରିଥିଲା ।

ବିବରଣୀ ପ୍ରଦାନ କରାଯାଉଥିବା ଅବଧି ସଂପର୍କରେ ଆଇ.ଏଫ୍.ସି. ଉଲ୍ଲେଖ କରିଛି ଯେ ଫଣ୍ଡ୍ ଏହାର ଇ.ଏସ୍.ଏମ୍.ଏସ୍. କାର୍ଯ୍ୟଧାରାରେ ସଂଶୋଧନ କରି ନଥିଲା ଏବଂ ଜଣେ ସାମାଜିକ ବିଶେଷଜ୍ଞଙ୍କୁ

---

[୧୧] ସି.ଏ.ଓ. ଅନୁସନ୍ଧାନ ରିପୋର୍ଟ ପାଇଁ ଆଇ.ଏଫ୍.ସି.ର ଆଧିକାରୀକ ଉତ୍ତର:ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ୍, ଅକ୍ଟୋବର ୨୦୧୫, ପରିଶିଷ୍ଟ –କ

[୧୨] ଫଣ୍ଡ୍‌ର ଆର୍ଥିକ ବର୍ଷ ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ । ତେଣୁ ୨୦୧୬ ଆର୍ଥିକ ବର୍ଷ ଏପ୍ରିଲ ୧, ୨୦୧୫ରୁ ମାର୍ଚ୍ଚ ୩୧, ୨୦୧୬ ପର୍ଯ୍ୟନ୍ତ

ଏହି କାର୍ଯ୍ୟରେ ନିଯୁକ୍ତ କରିଥିଲା । ଆଇ.ଏଫ୍.ସି. - ଆଇ.ଆଇ.ଏଫ୍. ଇ.ଏସ୍.ଏ.ପି. ସଂକ୍ରାନ୍ତରେ ଆଇ.ଏଫ୍.ସି. ଏକଥା ନଥିଭୁକ୍ତ କରିଛି ଯେ କେବଳ ଗୋଟିଏକୁ ବାଦ ଦେଇ ଅନ୍ୟ ସମସ୍ତ 'କ' ଶ୍ରେଣୀର ପୋର୍ଟ ଫୋଲିଓ କମ୍ପାନୀଗୁଡ଼ିକ ସକାଶେ ଫଣ୍ଡ୍ ପକ୍ଷରୁ ସ୍ୱାଧୀନ  ପାରିବେଶିକ ଏବଂ ସାମାଜିକ ଅଡ଼ିଟରମାନଙ୍କୁ ନିଯୁକ୍ତ କରିଥିଲା[୧୩] । ସ୍ୱତନ୍ତ୍ର ପାରିବେଶିକ ଏବଂ ସାମାଜିକ ଅଡ଼ିଟ୍‌ଗୁଡ଼ିକର ସମୀକ୍ଷା  କରି ଆଇ.ଏଫ୍.ସି. ଜାଣିବାକୁ ପାଇଲା ଯେ ଅଡ଼ିଟଗୁଡ଼ିକର (କ) କାର୍ଯ୍ୟ ପରିସର ସୀମିତ ଥିଲା (ଖ) ପ୍ରତ୍ୟେକ 'କ' ଶ୍ରେଣୀର ପୋର୍ଟ ଫୋଲିଓ କମ୍ପାନୀ ସକାଶେ ମୂଳ ଇ.ଏସ୍.ଏ.ପି.ର ଅଂଶସ୍ୱରୂପ ପ୍ରସ୍ତୁତ  କରାଯାଇଥିବା ଦଲିଲ ଗୁଡ଼ିକ କେତେଦୂର ଯଥେଷ୍ଟ ସେ ସଂପର୍କରେ କୌଣସି ମତାମତ ନଥିଲା ଏବଂ (ଗ) ଅଡ଼ିଟ୍ ଗୁଡ଼ିକ ଏକଥା ନିଶ୍ଚିତ ଭାବେ କହିପାରିଲେ ନାହିଁ ଯେ ପୋର୍ଟ ଫୋଲିଓ କଂମ୍ପାନୀଗୁଡ଼ିକ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ପାଳନ କରୁଥିଲେ କି' ନାହିଁ । ଆଇ.ଏଫ୍.ସି. ଏହାର ମତାମତ ଫଣ୍ଡ୍‌କୁ ଜଣାଇଥିଲା ଏବଂ ଫଣ୍ଡ୍‌କୁ ଏହାର ସ୍ୱତନ୍ତ୍ର ପାରିବେଶିକ ଏବଂ ସାମାଜିକ ଅଡ଼ିଟ୍ ରିପୋର୍ଟଗୁଡ଼ିକୁ ସମକାଳୀନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା । ସ୍ୱାଧୀନ ପାରିବେଶିକ ଓ ସାମାଜିକ ଅଡ଼ିଟ୍ ପରେ, ଆଇ.ଏଫ୍.ସି. ଏକଥା ରେକର୍ଡ଼ଭୁକ୍ତ କରିଛି ଯେ ଫଣ୍ଡ୍ ପ୍ରତ୍ୟେକ ପୋର୍ଟ ଫୋଲିଓ କମ୍ପାନୀ  ସହ ରହିଯାଇଥିବା ଅଭାବର ସଂଶୋଧନ ସକାଶେ କରାଯାଇଥିବା ପାରିବେଶିକ ଏବଂ ସାମାଜିକ କାର୍ଯ୍ୟ ଯୋଜନା ସହ ସହମତ ହୋଇଥିଲା । ଆଇ.ଏଫ୍.ସି. ଏକଥା ମଧ୍ୟ ଉଲ୍ଲେଖ କରିଥିଲା ଯେ ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଯୋଜନାକୁ ପ୍ରକାଶିତ କରାଯିବ ଏବଂ ଫଣ୍ଡ୍‌ର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ ପ୍ରଭାବିତ ଗୋଷ୍ଠୀମାନଙ୍କ ସହ ଏହି କାର୍ଯ୍ୟ ଯୋଜନା ସଂପର୍କରେ ଆଲୋଚନା କରାଯିବ[୧୪] । ଆଇ.ଏଫ୍.ସି. ଏ କଥା ମଧ୍ୟ ଉଲ୍ଲେଖ କରିଥିଲା ଯେ ପ୍ରତ୍ୟେକ ପୋର୍ଟ ଫୋଲିଓ କମ୍ପାନୀ କେବେ ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଯୋଜନା ପୂର୍ଣାଙ୍ଗ ହେବା ପରର ଅଡିଟ ବିବରଣୀ ଦେବେ ସେକଥା ନିର୍ଧାର୍ଯ୍ୟ କରିବେ।

୨୦୧୭ ମସିହା ଡ଼ିସେମ୍ବରରେ ଆଇ.ଏଫ୍.ସି. ଦୁଇଟି ପୋର୍ଟ ଫୋଲିଓ କମ୍ପାନୀକୁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ଶେଷ କଲା । ଆଇ.ଏଫ୍.ସି. ଉଲ୍ଲେଖ କରିଛି ଯେ ଗୋଟିଏ  ପୋର୍ଟ ଫୋଲିଓ କମ୍ପାନୀ ପାରିବେଶିକ ଏବଂ ସାମାଜିକ କ୍ଷେତ୍ରରେ ସନ୍ତୋଷଜନକ ଭାବେ କାର୍ଯ୍ୟ କରୁଥିବା ସ୍ଥଳେ  ଆଇ.ଏଫ୍.ସି. ଏ କ୍ଷେତ୍ରରେ ଅନେକଗୁଡ଼ିଏ ଉନ୍ନତି ଆଣିବାର ସମ୍ଭାବନା ସଂପର୍କରେ ଦର୍ଶାଇଥିଲା। ଦ୍ୱିତୀୟ ପୋର୍ଟ ଫୋଲିଓ କମ୍ପାନୀ ସଂପର୍କରେ ଆଇ.ଏଫ୍.ସି. ପାରିବେଶିକ ଏବଂ ସାମାଜିକ କ୍ଷେତ୍ରକୁ ନେଇ ରହିଥିବା ତା'ର ଚିନ୍ତାକୁ

[୧୩] ଫଣ୍ଡ୍ ଗୋଟିଏ ପୋର୍ଟ ଫୋଲିଓ କମ୍ପାନୀ ସକାଶେ ସ୍ୱାଧୀନ ପାରିବେଶିକ ଏବଂ ସାମାଜିକ ଅଡ଼ିଟ ଦୁଃସ୍ଥିତିରେ ଥିଲା । ଏହାର ଜି.କେ.ଇ.ଏଲ୍. ସହ କୌଣସି ସଂପର୍କ ନାହିଁ ।

[୧୪] ଫଣ୍ଡ୍ ସହିତ ଆଇ.ଏଫ୍.ସି.ର ଚୁକ୍ତି ଅନୁଯାୟୀ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡ ଯାହା ଫଣ୍ଡ୍‌ର କାର୍ଯ୍ୟଦକ୍ଷତା ମାନଦଣ୍ଡ ମଧ୍ୟ ତାହା ।

ନଥିଭୁକ୍ତ କରିଛି । ବିଶେଷ କରି, ଏହି ପୋର୍ଟ ଫୋଲିଓ କମ୍ପାନୀର ଭିତ୍ତିଭୂମି ସନ୍ତୋଷଜନକ ନଥିବା ଏବଂ ନିରାପତ୍ତା ଦୃଷ୍ଟିରୁ ଏହା ବିପଜ୍ଜନକ ହୋଇଥିବାରୁ ଆଇ.ଏଫ୍.ସି. ଚିନ୍ତା ପ୍ରକଟ କରିଥିଲା । ପୁନଶ୍ଚଃ ଆଇ.ଏଫ୍.ସି. ତା'ର ଏହି ଆଶଙ୍କାର ଦଲିଲକରଣ କରି ଉଲ୍ଲେଖ କରିଛି ଯେ ଥରଟିଏ ଏହି ପୋର୍ଟ ଫୋଲିଓ କମ୍ପାନୀର କାରଖାନା ଚାଲିବା ଆରମ୍ଭ ହୋଇଗଲେ ସ୍ଥାନୀୟ ଲୋକମାନଙ୍କ ଉପରେ ପ୍ରଦୂଷଣର ପ୍ରଭାବ ପଡ଼ିପାରେ ।

ଏକତ୍ର ବିଚାର କରି କେତେକ ପୋର୍ଟ ଫୋଲିଓ କମ୍ପାନୀରେ କାର୍ଯ୍ୟଦକ୍ଷତା ମାନଦଣ୍ଡର ରୂପାୟନ କ୍ଷେତ୍ରରେ ରହିଥିବା ଅଭାବକୁ ବିଚାରକୁ ନେଇ ଆଇ.ଏଫ୍.ସି. ଫଣ୍ଡ୍‌ର କାର୍ଯ୍ୟଦକ୍ଷତାକୁ ସନ୍ତୋଷଜନକ ନୁହେଁ ବୋଲି ଚିହ୍ନଟ କରିଛି । ଏଥିରୁ ଏହା ସୂଚୀତ ହେଉଛି ଯେ ଫଣ୍ଡ୍ ଆଇ.ଏଫ୍.ସି.ର ପାରିବେଶିକ ତଥା ସାମାଜିକ ମାନଦଣ୍ଡର ଅନୁପାଳନ କରୁନାହିଁ । ଭବିଷ୍ୟତରେ ନୀରିକ୍ଷଣ ସକାଶେ ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛି ଯେ ଏହା 'କ' ଶ୍ରେଣୀର ପ୍ରକଳ୍ପଗୁଡ଼ିକ ସକାଶେ ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଯୋଜନାର ନିରୀକ୍ଷଣ ତଥା ସ୍ୱତନ୍ତ୍ର ଅଡ଼ିଟ ପ୍ରତି ତୀକ୍ଷଣ ନଜର ରଖିବ ଓ ସମୀକ୍ଷା କରିବ ।

## ଆଇ.ଏଫ୍.ସି. ଦ୍ୱାରା ଫଣ୍ଡ୍‌ର ଯାଞ୍ଚ: କମଳାଙ୍ଗ ପ୍ରକଳ୍ପ

### *ଜି.କେ.ଇ.ଏଲ୍.ର ବିବରଣୀ*

ସି.ଏ.ଓ.ର ଅନୁସନ୍ଧାନ ରିପୋର୍ଟର ପ୍ରକାଶନ ପରେ ଜି.କେ.ଇ.ଏଲ. ଏହାର ୱେବସାଇଟରେ ଜୁଲାଇ ୨୦୧୪ରେ ଇ.ଆର୍.ଏମ୍. ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ ଆକଳନ ରିପୋର୍ଟର ସାରାଂଶ ପ୍ରକାଶ କଲା[୧୫] । ଏହି ଆକଳନରେ ଆଇ.ଏଫ୍.ସି. କାର୍ଯ୍ୟଦକ୍ଷତା ମାନଦଣ୍ଡ ଆଧାରରେ

[15] ଇ.ଆର.ଏମ୍., ଜୁଲାଇ ୨୦୧୪, ଓଡିଶାର କମଳାଙ୍ଗଠାରେ ୧୪୦୦ ମେଗାୱାଟ ତାପଜ ବିଦ୍ୟୁତ ପ୍ଲାଣ୍ଟର ପାରିବେଶିକ ଏବଂ ସାମାଜିକ ଆକଳନର କାର୍ଯ୍ୟନିର୍ବାହୀ ସାରାଂଶ । http://goo.gl/Gbs9dK ଦେଖନ୍ତୁ ।

ପ୍ରକଳ୍ପର ଇ.ଆର୍.ଏମ୍. ସମୀକ୍ଷାର ଦଲିଲଖରଣ କରାଯାଇଛି ଏବଂ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ରହିଥିବା ଅଭାବଗୁଡ଼ିକୁ ଚିହ୍ନଟ କରାଯାଇଛି । ଏହି ଆକଳନରେ ପାରିବେଶିକ ଏବଂ ସାମାଜିକ କ୍ଷେତ୍ରରେ କରାଯିବାକୁ ଥିବା ୪୮ଟି କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ସଙ୍ଗେ ସଙ୍ଗେ ଏଥିରେ ଜି.କେ.ଇ.ଏଲ୍. କାର୍ଯ୍ୟକାରୀ କରିବାକୁ ଥିବା (ଇ.ଆର୍.ଏମ୍ .କାର୍ଯ୍ୟଯୋଜନା) ଏବଂ ୩୨ଟି ଓ.ଏଚ୍.ଏସ୍. କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଅଭିଯୋଗରେ ଅବତାରଣା କରାଯାଇଥିବା ପ୍ରସଙ୍ଗ ସହ ସଂପର୍କିତ ଥିବାରୁ ଏହି କାର୍ଯ୍ୟ ଯୋଜନା ଏକ ଜୀବିକା ପୁନର୍ବାହାଲ ଯୋଜନା ପ୍ରସ୍ତୁତି, ଏକ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା (ଜି.ଆର୍.ଏମ୍), ସ୍ୱାର୍ଥ-ଗୋଷ୍ଠୀମାନଙ୍କ ସହ ଆଲୋଚନା ପାଇଁ ଏବଂ ସୂଚନା ପରିପ୍ରକାଶ (ସ୍ୱତଃପ୍ରବୃତ୍ତ) ଏକ ଯୋଜନା ଏବଂ ପ୍ରକଳ୍ପର ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉନ୍ନତି ସକାଶେ ପ୍ରସ୍ତାବ ଦେଇଥିଲା । ଏହି କାର୍ଯ୍ୟଯୋଜନା ଆଇ.ଏଫ୍.ସି. ଦ୍ୱାରା ପ୍ରକାଶିତ ଆଇ.ଆଇ.ଏଫ୍. - ଜି.କେ.ଇ.ଏଲ୍. ଇ.ଏସ୍.ଏ.ପି. ରିପୋର୍ଟର ଅଂଶ ବିଶେଷ।

୨୦୧୬ ମସିହା ମାର୍ଚ୍ଚ ମାସରେ ଇ.ଆର୍.ଏମ୍. ଜି.କେ.ଇ.ଏଲ. ସକାଶେ ପ୍ରକଳ୍ପର ଏକ ଜୀବିକା ପୁନର୍ବାହାଲ ଯୋଜନା (ଏଲ୍.ଆର୍.ପି.), ଅଭିଯୋଗ ଶୁଣାଣୀ ପାଇଁ ଏକ ବ୍ୟବସ୍ଥା, ସ୍ୱାର୍ଥ ଗୋଷ୍ଠୀ ସହ ଆଲୋଚନା ପାଇଁ ଯୋଜନା, ସୂଚନା ପରିପ୍ରକାଶ ଯୋଜନା (ଏସ୍.ଇ.ପି.) ଏବଂ ଗ୍ରାମଗୋଷ୍ଠୀମାନଙ୍କର ସ୍ୱାସ୍ଥ୍ୟ ସଂପର୍କିତ ମୂଳସ୍ଥିତି ରିପୋର୍ଟ (ସି.ଏଚ୍.ବି) ପ୍ରସ୍ତୁତ କରିଥିଲା । ଅକ୍ଟୋବର ୨୦୧୬ ମସିହାରେ ଜି.କେ.ଇ.ଏଲ୍. ଅଭିଯୋଗ ଶୁଣାଣୀ ବ୍ୟବସ୍ଥା (ଜି.ଆଇ.ଏମ୍.) ଏବଂ ସ୍ୱାର୍ଥ ଗୋଷ୍ଠୀ ସହ ଆଲୋଚନା ଏବଂ ସୂଚନା ପରିପ୍ରକାଶ ବ୍ୟବସ୍ଥା (ଏସ୍.ଇ.ପି.) ସଂପର୍କରେ ରିପୋର୍ଟ ଛାପିଲା[୧୬] ।

ଏହି ଦଲିଲଗୁଡ଼ିକ ନିମ୍ନ କଥାମାନ ଉଲ୍ଲେଖ କରିଥିଲେ ।

- **ଜୀବିକା ପୁନର୍ବାହାଲ ଯୋଜନା:** ଏହି ଯୋଜନା ୨୦୧୫ ମସିହାରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର (ପି.ଏ.ଏଫ୍.) ଏକ ସାମାଜିକ-ଅର୍ଥନୈତିକ ଅନୁଧ୍ୟାନର ଫଳାଫଳକୁ ସଂକ୍ଷେପରେ ଉପସ୍ଥାପିତ କରିଥିଲା । କେଉଁ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନେ ସହାୟତା ପାଇବା ପାଇଁ ଯୋଗ୍ୟ ସେମାନଙ୍କୁ ଚିହ୍ନଟ କରିବା ସକାଶେ ଏହି ଯୋଜନାରେ ପରିବାରର ବର୍ଗୀକରଣ (କ) ପୂର୍ବରୁ କେଉଁମାନେ ଜୀବିକା ବାବଦକୁ ସହାୟତା ପାଇଛନ୍ତି (ଖ) କେଉଁମାନଙ୍କର ବାର୍ଷିକ ପାରିବାରିକ ଆୟ ୬୦,୦୦୦ ଟଙ୍କାରୁ (୮୪୦ ଆମେରିକୀୟ ଡ଼ଲାରରୁ) ଅଧିକ ଏବଂ (ଗ) କେଉଁମାନେ ପ୍ରକଳ୍ପରୁ ଦୁଇ କିଲୋମିଟର ଦୂରତା ମଧ୍ୟରେ ବାସ କରୁଛନ୍ତି - ଏହି ଆଧାରରେ ବିଭକ୍ତ କରାଗଲା । ଏହି ଯୋଜନାରେ ଜୀବିକା ପୁନର୍ବାହାଲ ସକାଶେ ତିନୋଟି ବିକଳ୍ପର ପ୍ରସ୍ତାବ ଦିଆଗଲା

[16] ଏହି ରିପୋର୍ଟମାନ http://goo.gl/dgd4Bi ରେ ଉପଲବ୍ଧ।

– (୧) ରୋଜଗାର ବୃଦ୍ଧି ସକାଶେ କୃଷି ଓ ପଶୁପାଳନ ପାଇଁ ସହାୟତା (ଖ) କୌଶଳ ତାଲିମ ଏବଂ ଚାକିରୀରେ ଅବସ୍ଥାପିତ ହେବା ପାଇଁ ସହଯୋଗ ଏବଂ (ଗ) ରୋଜଗାର ବଢ଼ାଇବା ସକାଶେ ଅଣୁ-ଉଦ୍ୟୋଗ କରିବାକୁ ସହାୟତା । ଯେଉଁ ପରିବାରଗୁଡ଼ିକର ବାର୍ଷିକ ଆୟ, ୬୦,୦୦୦ ଟଙ୍କାରୁ ଅଧିକ ସେମାନଙ୍କୁ 'ବିଶେଷ ସୁବିଧାପ୍ରାପ୍ତ' ଗୋଷ୍ଠୀ ରୂପେ ବର୍ଗୀକରଣ କରାଗଲା ଏବଂ ଏହି ଗୋଷ୍ଠୀକୁ ଉପରୋକ୍ତ ତିନୋଟି ଜୀବିକା ପୂନର୍ବାହାଲ ବିକଳ୍ପ ପାଇଁ ଅଯୋଗ୍ୟ ବୋଲି ବିଚାର କରାଗଲା । ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କୁ ସୂଚନା ଦେବା ତଥା ସେମାନଙ୍କ ସହ ବିଚାର ବିମର୍ଶ କରିବା ସକାଶେ ଏକ ପ୍ରକ୍ରିୟାର ରୂପରେଖ ମଧ୍ୟ ପ୍ରସ୍ତୁତ କରାଗଲା ।

- **ଅଭିଯୋଗ ଶୁଣାଣୀ ବ୍ୟବସ୍ଥା**: ଏହି ଦଲିଲରେ ଅଭିଯୋଗକୁ କିପରି ଭାବରେ ପରିଚାଳନା କରାଯିବ ସେ କଥା ବର୍ଣ୍ଣନା କରାଯାଇଥିଲା ଏବଂ ପ୍ରସ୍ତାବ ଦିଆଯାଇଥିଲା ଯେ (କ) ଏକାଦିକ୍ରମେ ଅନେକଗୁଡ଼ିଏ ଉନ୍ନତି ବିଧାନ, (ଖ) ଲୋକଙ୍କୁ ସୂଚନା ଜଣାଇବା ସକାଶେ ଏକ ଯୋଜନା ଏବଂ (ଗ) ଯାଞ୍ଚ କରିବା ଏବଂ ରିପୋର୍ଟ କରିବା ପାଇଁ ଏକ ଢ଼ାଞ୍ଚା ।
- **ସ୍ୱାର୍ଥଗୋଷ୍ଠୀ ସହ ଆଲୋଚନା ଏବଂ ସୂଚନା ପରିପ୍ରକାଶ ଯୋଜନା:** ଏହି ଯୋଜନାରେ ପ୍ରକଳ୍ପର ପ୍ରତ୍ୟେକ ସ୍ୱାର୍ଥଗୋଷ୍ଠୀକୁ ଚିହ୍ନଟ କରାଯାଇ ଜି.କେ.ଇ.ଏଲ୍. ସେମାନଙ୍କ ସହ କିପରି ଯୋଗାଯୋଗ ରକ୍ଷା କରିବା ଏବଂ ଏହି ଯୋଗାଯୋଗ କେତେ ବାର ହେବ ସେ ସଂପର୍କରେ ଅବତାରଣା କରାଯାଇଥିଲା ।
- **ଗୋଷ୍ଠୀ ସ୍ୱାସ୍ଥ୍ୟ ସଂପର୍କିତ ମୂଳ ସ୍ଥିତି ରିପୋର୍ଟ :** ଏହି ରିପୋର୍ଟ ପ୍ରକଳ୍ପାଞ୍ଚଳର ଲୋକମାନଙ୍କର ଜୀବନ ଶୈଳୀ ଏବଂ ସ୍ୱାସ୍ଥ୍ୟର ସ୍ଥିତି ସଂପର୍କରେ ସାରାଂଶ ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ଜି.କେ.ଇ.ଏଲ୍. ସେହି ତାରିଖ ପର୍ଯ୍ୟନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ସକାଶେ କ'ଣ କ'ଣ ପଦକ୍ଷେପମାନ ଗ୍ରହଣ କରିଛି ସେ କଥା ଦର୍ଶାଇବା ସହିତ। ଜି.କେ.ଇ.ଏଲ୍. ର ଆଭିମୁଖ୍ୟରେ ଉନ୍ନତି ଆଣିବା ସକାଶେ ପରାମର୍ଶ ଦେଇଥିଲା ।

ଏପ୍ରିଲ୍ ଏବଂ ଅକ୍ଟୋବର ୨୦୧୬ରେ ଇ.ଆର.ଏମ୍., ଜି.କେ.ଇ.ଏଲ୍.ର ଇ.ଆର.ଏମ୍. କାର୍ଯ୍ୟଯୋଜନାର ରୂପାୟନ ସଂପର୍କିତ ଯାଞ୍ଚ ରିପୋର୍ଟମାନ ଦାଖଲ କଲା[୧୭] । ଅକ୍ଟୋବର ୨୦୧୬ର ରିପୋର୍ଟରେ ଉଲ୍ଲେଖ କରାଗଲା ଯେ କରାଯିବାକୁ ଥିବା ସମସ୍ତ କାର୍ଯ୍ୟ ଶେଷ ହୋଇଛି । ଏହା ସଙ୍ଗେ ସଙ୍ଗେ ଇ.ଆର୍.ଏମ୍. ଏକଥା

[୧୭] ଇ. ଆର.ଏମ୍. ଏପ୍ରିଲ ଓ ଅକ୍ଟୋବର, ୨୦୧୬, ପାରିବେଶିକ ବୃତ୍ତିଗତ ସ୍ୱାସ୍ଥ୍ୟ ନିରାପତ୍ତା ଏବଂ ସାମାଜିକ କାର୍ଯ୍ୟ ଯୋଜନାର ଚୂଡାନ୍ତ ଯାଞ୍ଚ ରିପୋର୍ଟ: କାର୍ଯ୍ୟନିର୍ବାହୀ ସାରାଂଶ । http://goo.gl/dgd4Bi ରେ ଉପଲବ୍ଧ ।

ମଧ୍ୟ ଉଲ୍ଲେଖ କଲା ଯେ ଜି.କେ.ଇ.ଏଲ. ଅତିରିକ୍ତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ବର୍ଜ୍ୟ ଜଳର ନିଷ୍କାସନର ପରିଚାଳନା ସକାଶେ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ କରିଛି । ବିଶେଷ କରି ଇ.ଆର୍.ଏମ୍. ଏକଥା ନଥିଭୁକ୍ତ କଲା ଯେ ଜି.କେ.ଇ.ଏଲ୍. (କ) କୋଇଲା ପ୍ଲାଣ୍ଟର ପାଉଁଶ ନିଷ୍କାସନ ବ୍ୟବସ୍ଥାକୁ କାରଖାନାର ଜଳ ପୁନରୁଦ୍ଧାର ସ୍ଥାନ ସହ ସଂଯୁକ୍ତ କରିଛି ଯଦ୍ୱାରା କାରଖାନା ବାହାରେ ଜଳ ନିଷ୍କାସିତ ହେବା ବଦଳରେ ତାହାର ପୁନଃଚକ୍ରଣ କରାଯାଇ ପାରିବ (ଖ) ଜାତୀୟ ଆବଶ୍ୟକତାର ଅନୁପାଳନ ସକାଶେ ଜଳର ଯାଞ୍ଚ ସକାଶେ ଅତିରିକ୍ତ ନମୁନା ସଂଗ୍ରହ କେନ୍ଦ୍ରମାନ ସ୍ଥାପନ ଏବଂ (ଗ) ଉଡ଼ନ୍ତା ପାଉଁଶର ପରିଚାଳନା ଏବଂ କୋଇଲା ଗୁଣ୍ଡ ନିଷ୍କାସନକୁ ରୋକିବା ସକାଶେ ଅତିରିକ୍ତ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁକରିବା ପରି କାର୍ଯ୍ୟମାନ କରିଛି[୧୮] ।

୨୦୧୬ରୁ ୨୦୧୭ ମଧ୍ୟରେ, ଜି.କେ.ଇ.ଏଲ୍.[୧୯] ଜୀବିକା ପୁନର୍ବାହାଲ କାର୍ଯ୍ୟକ୍ରମ (ଏଲ୍.ଆର୍.ପି.)ର ରୂପାନୟନ ସଂକ୍ରାନ୍ତରେ ଚାରୋଟି ତ୍ରୈମାସିକ ରିପୋର୍ଟ ପ୍ରକାଶ କରିଥିଲା। ଏହି ରିପୋର୍ଟଗୁଡ଼ିକରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ଜୀବିକାର୍ଜନର ବିକଳ୍ପଗୁଡ଼ିକୁ ବାଛିବା ସକାଶେ କରାଯାଇଥିବା ପରାମର୍ଶ କାର୍ଯ୍ୟକ୍ରମ ଏବଂ ସୁବିଧା ପାଇଥିବା ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ସଂଖ୍ୟାକୁ ଦଲିଲଭୁକ୍ତ କରାଯାଇଥିଲା ।

## *ଆଇ.ଏଫ୍.ସି.ର ଅଧ୍ୟକ୍ଷଣ*

୨୦୧୬ ମସିହା ଜୁଲାଇ ମାସରେ ଜୀବିକା ପୁନର୍ବାହଲ କାର୍ଯ୍ୟକ୍ରମ (ଏଲ.ଆର୍.ପି.), ଅଭିଯୋଗ ଶୁଣାଣୀ ବ୍ୟବସ୍ଥା (ଜି.ଆର୍.ଏମ୍.) ଏବଂ ସାମାଜିକ ଏବଂ ପାରିବେଶିକ କାର୍ଯ୍ୟକ୍ରମ (ଏସ୍.ଇ.ପି.) ସଂପର୍କରେ ଆଲୋଚନା କରିବା ସକାଶେ ଆଇ.ଏଫ୍.ସି.ର କର୍ମଚାରୀମାନେ ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. ଏବଂ ଇ.ଆର୍.ଏମ୍. ସହ ବୈଠକ କଲେ । ଏହି ବୈଠକ ପୂର୍ବରୁ ଆଇ.ଏଫ୍.ସି. ସଂପୃକ୍ତ ଦଲିଲଗୁଡ଼ିକୁ ଫଣ୍ଡ୍‌କୁ ଉପଲବ୍ଧ କରାଇଥିଲେ । ଆଇ.ଏଫ୍.ସି. ଏହି ଦଲିଲଗୁଡ଼ିକରେ ଉଲ୍ଲେଖ କରିଥିଲେ ଯେ ଜୀବିକା ପୁନର୍ବାହାଲ କାର୍ଯ୍ୟକ୍ରମରେ କେତେକ ପ୍ରକଳ୍ପ ପ୍ରଭାବିତ ପରିବାରକୁ ବିଶେଷ ସୁବିଧାପ୍ରାପ୍ତ ପରିବାର ରୂପେ ଶ୍ରେଣୀଭୁକ୍ତ କରି ସେମାନଙ୍କୁ ଜୀବିକା ପୁନର୍ବାହାଲ ବିକଳ୍ପରୁ ବାଦ ଦିଆଯାଇଛି । ଆଇ.ଏଫ୍.ସି.ର ଚିନ୍ତାର ମୂଳକାରଣ ହେଲା ଜୀବିକା ପୁନର୍ବାହଲ କାର୍ଯ୍ୟକ୍ରମର ଯୋଗ୍ୟତା ପି.ଏସ୍.୫ର ଆବଶ୍ୟକତାର

---

[୧୮] ଇ. ଆର.ଏମ୍. ଏପ୍ରିଲ ଓ ଅକ୍ଟୋବର, ୨୦୧୬, ପାରିବେଶିକ ବୃତ୍ତିଗତ ସ୍ୱାସ୍ଥ୍ୟ ନିରାପତ୍ତା ଏବଂ ସାମାଜିକ କାର୍ଯ୍ୟ ଯୋଜନାର ଚୂଡାନ୍ତ ଯାଞ୍ଚ ରିପୋର୍ଟ: କାର୍ଯ୍ୟନିର୍ବାହୀ ସାରାଂଶ । http://goo.gl/wgXSe3. . . ରେ ଉପଲବ୍ଧ ।

[୧୯] ଜି.କେ.ଇ.ଏଲ୍. ଜୀବିକା ପୁନର୍ବାହାଲ ଯୋଜନା ଅନୁଯାୟୀ ହାସଲ କରାଯାଇଥିବା କାର୍ଯ୍ୟଗୁଡିକର ତ୍ରୈମାସିକ ରିପୋର୍ଟ । ଏହା http://goo.gl/dgd4Bi ଉପଲବ୍ଧ ।

ବିରୁଦ୍ଧାଚରଣ କରୁଛି । ଆଇ.ଏଫ୍.ସି. ଏକଥା ଦର୍ଶାଇଥିଲା ଯେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କୁ ଜୀବିକା ପୁନର୍ବାହାଲ କାର୍ଯ୍ୟକ୍ରମରେ ଲଗାତର ଭାବେ ବିଭିନ୍ନ ବିକଳ୍ପର ସମ୍ଭାବନା ଦିଆଯିବା ଆବଶ୍ୟକ ଏବଂ ପ୍ରତିକାରମୂଳକ ପଦକ୍ଷେପ ଅନୁଯାୟୀ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ଆଇ.ଏଫ୍.ସି. ଏକଥା ମଧ୍ୟ ଦର୍ଶାଇଥିଲା ଯେ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା (ଜି.ଆର୍.ଏମ୍.)ରେ (କ) ଏକ ସ୍ୱଷ୍ଟ ଅଭିବୃଦ୍ଧି ଢ଼ାଞ୍ଚା ଯୋଗାଇବା (ଖ) ଅଭିଯୋଗ ଶୁଣାଣୀ କମିଟିରେ ପ୍ରଭାବିତ ଗୋଷ୍ଠୀଗୁଡ଼ିକର ପ୍ରତିନିଧିତ୍ୱ ରହିବା ଏବଂ (ଗ) ଅଭିଯୋଗ ଶୁଣାଣୀ କମିଟି (ଜି.ଆର.ସି.)ର ଭୂମିକା ସଂପର୍କରେ ସ୍ୱଷ୍ଟ କରିବା ଆବଶ୍ୟକ । ଆଇ.ଏଫ୍.ସି. ପରାମର୍ଶ ଦେଇଥିଲା ଯେ ସାମାଜିକ ଓ ପାରିବେଶିକ କାର୍ଯ୍ୟକ୍ରମ (ଏସ୍.ଇ.ପି.)ରେ ଚାଲୁରହିଥିବା ପାରିବେଶିକ ଏବଂ ସାମାଜିକ କାର୍ଯ୍ୟକ୍ରମର କାର୍ଯ୍ୟଦକ୍ଷତା ସଂପର୍କରେ ପ୍ରମୁଖ ସ୍ୱାର୍ଥ ଗୋଷ୍ଠୀମାନଙ୍କୁ ଅବଗତ କରାଇବା ଆବଶ୍ୟକ । ପି.ଏସ୍.୭ର ପ୍ରୟୋଗ ସଂପର୍କରେ ଆଇ.ଏଫ୍.ସି. ଉଲ୍ଲେଖ କରିଥିଲା ଯେ ଇ.ଆର୍.ଏମ୍.ର ଜୁଲାଇ ୨୦୧୪ ରିପୋର୍ଟ ଏହି ନିର୍ଯ୍ୟାସରେ ପହଞ୍ଚିଥିଲା ଯେ ପ୍ରକଳ୍ପ ଅନୁସୂଚୀତ ଜନଜାତିମାନଙ୍କଠାରୁ ଜମି ଅଧିଗ୍ରହଣକୁ ଏଡ଼ାଇ ଯାଇଥିବାରୁ ପି.ଏସ୍.୭ ପ୍ରଯୁଜ୍ୟ ନୁହେଁ । ତେବେ ଆଇ.ଏଫ୍.ସି.  ଏକଥା ଦର୍ଶାଇଛି ଯେ ପ୍ରକଳ୍ପର ବହୁ ଆକଳନ ରିପୋର୍ଟରେ ଅନୁସୂଚୀତ ଜନଜାତିର ପରିବାରଗୁଡ଼ିକୁ ପ୍ରକଳ୍ପ ପ୍ରଭାବିତ ପରିବାର ରୂପେ ତାଲିକାଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଇ.ଏଫ୍.ସି. ଫଣ୍ଡ୍‌କୁ ପରାମର୍ଶ ଦେଇଛି ଯେ ଜୀବିକା ପୁନର୍ବାହାଲ ଯୋଜନାର ଗୋଟିଏ ଅଂଶ ପି.ଏସ୍.୭ର ପ୍ରଯୁଜ୍ୟତା ଏବଂ ଆବଶ୍ୟକ ସ୍ଥଳେ ପି.ଏସ୍.୭ର ଅନୁପାଳନ ସକାଶେ ନିଆଯିବାକୁ ଥିବା ସ୍ୱତନ୍ତ୍ର ପଦକ୍ଷେପ ସଂପର୍କରେ ଉଲ୍ଲେଖ କରାଯିବା ପାଇଁ ବ୍ୟବହୃତ ହେବା ଆବଶ୍ୟକ ।

ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. କାର୍ଯ୍ୟଯୋଜନାର ରୂପାୟନ ସଂପର୍କରେ ଆଲୋଚନା କରିବା ସକାଶେ ଆଇ.ଏଫ୍.ସି., ଫଣ୍ଡ୍ ସହିତ ବୈଠକ କରିଥିଲା ।  ଏଥିରେ ଆଇ.ଏଫ୍.ସି.କୁ ଏକଥା ଅବଗତ କରାଗଲା ଯେ ଜୁଲାଇ ୨୦୧୬ରେ ଆଇ.ଏଫ୍.ସି. ପକ୍ଷରୁ ଦିଆଯାଇଥିବା ପରାମର୍ଶକୁ ଅନ୍ତର୍ଭୁକ୍ତ କରିବା ସକାଶେ ଜୀବିକା ପୁନର୍ବାହାଲ ଯୋଜନାର ସଂଶୋଧନ କରାଯିବ ଏବଂ ୨୦୧୭ ମସିହାର ପ୍ରଥମ ତ୍ରୈମାସରୁ ଏହାର ରୂପାୟନ ଆରମ୍ଭ ହେବ । ଆଇ.ଏଫ୍.ସି.କୁ ଏକଥା ମଧ୍ୟ ଜଣାଯାଇଥିଲା ଯେ ଜି.କେ.ଇ.ଏଲ୍. ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ସହ ସେମାନଙ୍କର ଜୀବିକା ପୁନର୍ବାହାଲ ସକାଶେ ସେମାନେ କ'ଣ ବିକଳ୍ପ ବାଛିବେ ସେ ସଂପର୍କରେ ବିଚାର ବିମର୍ଶ ଆରମ୍ଭ କରିଦେଇଛି । ରୂପାୟନରେ ବିଳମ୍ବକୁ ନେଇ ଆଇ.ଏଫ୍.ସି. ଚିନ୍ତା ପ୍ରକଟ କରିଥିଲା। ଆଇ.ଏଫ୍.ସି. ପରାମର୍ଶ ଦେଇଛି ଯେ ଜୀବିକା ପୁନର୍ବାହାଲ ଯୋଜନାରେ ରୂପାୟନ ସକାଶେ ଏକ ସମୟ ସାରଣୀ ପ୍ରସ୍ତୁତ କରିବା ଆବଶ୍ୟକ ଯେଉଁଥିରେ କେଉଁ ଲକ୍ଷ୍ୟ କେବେ ହାସଲ କରାଯିବ ସେକଥା ସ୍ୱଷ୍ଟରୂପେ ଉଲ୍ଲେଖ କରାଯିବା  ସଙ୍ଗେ ସଙ୍ଗେ ସେଗୁଡିକର ଯାଞ୍ଚ ବ୍ୟବସ୍ଥା କରାଯିବା ଆବଶ୍ୟକ ।

ନଭେମ୍ବର ୨୦୧୬ ଏବଂ ଜାନୁଆରୀ ୨୦୧୭ରେ ଫଣ୍ଡ୍ ଆଇ.ଏଫ୍.ସି.କୁ ଏହାର ଜି.କେ.ଇ.ଏଲ୍. ପୁଞ୍ଜି ବିନିଯୋଗ ସଂପର୍କରେ ତାଜା ରିପୋର୍ଟ ଦେଇଥିଲା । 'ଫଣ୍ଡ୍' ଏଥିରେ ବିଶେଷ କରି ଏକଥା ଉଲ୍ଲେଖ କରିଥିଲା ଯେ (କ) ଜି.କେ.ଇ.ଏଲ୍., ଇ.ଆର୍.ଏମ୍. କାର୍ଯ୍ୟଯୋଜନାକୁ ରୂପାୟିତ କରିଛି ବୋଲି ଇ.ଆର୍.ଏମ୍. ସ୍ୱୀକାର କରିଛି (ଖ) ଜୁଲାଇ ୨୦୧୬ରେ ଆଇ.ଏଫ୍.ସି. ଦେଇଥିବା ମନ୍ତବ୍ୟକୁ ଅନ୍ତର୍ଭୁକ୍ତ କରିବା ସକାଶେ ଏଲ୍.ଆର୍.ପି.କୁ ଅଧୁନାତନ କରାଗଲା ଏବଂ ଏହି ଯୋଜନାର ଏକ ଅତିରିକ୍ତ ଅଂଶରେ ପି.ଏସ୍.୭ ସଂପର୍କରେ ସଦ୍ୟ ସୂଚନା ଦିଆଯାଇ ମାର୍ଚ୍ଚ ୨୦୧୭ ସୁଦ୍ଧା ସ୍ଥାନୀୟ ଭାବେ ପ୍ରକାଶିତ ହେବ (ଗ) ଜମି ହରାଇ ନଥିବା ପରିବାରଗୁଡ଼ିକୁ ବାଦ୍ ଦେବା ପରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ସଂଖ୍ୟାକୁ ସଂଶୋଧିତ କରାଯାଇ ୨୦୮୩ କରାଗଲା । (ଘ) ଜୀବିକା ପୁନର୍ବାହାଲ ଯୋଜନାର ରୂପାୟନର ଯାଞ୍ଚ କରିବା ସକାଶେ ଜଣେ ପରାମର୍ଶଦାତାଙ୍କୁ ଚିହ୍ନଟ କରାଯାଇଛି ଏବଂ (ଙ) ଜି.ଆର.ଏମ୍. ଏବଂ ଏସ୍.ଇ.ପି. ସଂପୂର୍ଣ୍ଣ ହୋଇସାରିଛି ଏବଂ ପ୍ରଯୁଜ୍ୟ ସମସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କ ମଧ୍ୟରେ ଏ ଗୁଡ଼ିକର ବିସ୍ତାର କରାଯାଇଛି ।

ମଇ ୨୦୧୭ରେ ଆଇ.ଏଫ୍.ସି. ଫଣ୍ଡ୍ ସହ ମିଶି ଜି.କେ.ଇ.ଏଲ୍. କୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲା । ଏହି ପରିଦର୍ଶନ କାଳରେ ଆଇ.ଏଫ୍.ସି. ଏବଂ ଫଣ୍ଡ୍ ଜି.କେ.ଇ.ଏଲ୍.ଦ୍ୱାରା ଇ.ଆର.ଏମ୍. କାର୍ଯ୍ୟ ଯୋଜନାର ରୂପାୟନ କିପରି ଭାବରେ କରାଯାଇଛି ତାହାର ସମୀକ୍ଷା କରିଥିଲେ ଏବଂ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କୁ ସେମାନଙ୍କ ଘରେ ଭେଟିବା ସକାଶେ ନିକଟବର୍ତ୍ତୀ ଗାଁଗୁଡ଼ିକୁ ଯାଇଥିଲେ । ଫଣ୍ଡ୍ ଆଇ.ଏଫ୍.ସି.କୁ ଜଣାଇଛି ଯେ ଏହା ଗାଁଗୁଡ଼ିକୁ ପରିଦର୍ଶନରେ ଯିବା ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ସହ ଆଲୋଚନାକୁ ନେଇ ସନ୍ତୁଷ୍ଟ ।

ମାର୍ଚ୍ଚ ୨୦୧୮ରେ ଆଇ.ଏଫ୍.ସି. ଏହାର ପରିଦର୍ଶନ ରିପୋର୍ଟରେ ପ୍ରକଳ୍ପ ସଂପର୍କରେ ତା'ର ମତାମତର ରୂପରେଖ ଦେଇଛି । ଆଇ.ଏଫ୍.ସି. ଉଲ୍ଲେଖ କରିଛି ଯେ ଏଲ୍.ଆର୍.ପି. ରୂପାୟନ କରିବା କ୍ଷେତ୍ରରେ ଜି.କେ.ଇ.ଏଲ୍ ଅଗ୍ରଗତି କରିଛି ଏବଂ ରୂପାୟନର ଯାଞ୍ଚ କରିବା ସକାଶେ ଏକ ତୃତୀୟ ପକ୍ଷକୁ ନିଯୁକ୍ତ କରିଛି । ଆଇ.ଏଫ୍.ସି. ଉଲ୍ଲେଖ କରିଛି ଯେ ଏଲ୍.ଆର୍.ପି. ବ୍ୟତୀତ ଜି.କେ.ଇ.ଏଲ୍. (କ) ପ୍ରତ୍ୟେକ ପ୍ରକଳ୍ପ ପ୍ରଭାବିତ ପରିବାରକୁ ସ୍ୱାସ୍ଥ୍ୟ ବୀମା (ଖ) ପାଞ୍ଚଟି ଗାଁକୁ ପାଇପ୍ ଜଳଯୋଗାଣ ଏବଂ (ଗ) ପ୍ରତ୍ୟେକ ଗାଁକୁ ସପ୍ତାହରେ ଥରେ ଲେଖାଏଁ ଏକ ସ୍ୱାସ୍ଥ୍ୟ ଭ୍ୟାନ ଯିବାର ଯୋଜନା କରିଛି । ଆଇ.ଏଫ୍.ସି. ମତ ଦେଇଛି ଯେ ପ୍ରଭାବିତ ଗାଁଗୁଡ଼ିକରେ ଆନୁଷ୍ଠାନିକଭାବେ ଗୋଷ୍ଠୀସ୍ତରୀୟ ବୈଠକମାନ ଆୟୋଜନ କରିବା, ପ୍ରତ୍ୟେକ ସପ୍ତାହରେ ଅଭିଯୋଗ ବାକ୍ସ ଖୋଲିବା ଏବଂ ଅଭିଯୋଗଟିଏ ଗ୍ରହଣ କରି ତାହାକୁ ଖାତାରେ ଲେଖିସାରିବା ପରେ ଏକ ପ୍ରାପ୍ତିସ୍ୱୀକାର ପତ୍ର ଦେବା ଫଳରେ ଜି.ଆର.ଏମ୍. ଏବଂ ଏସ୍.ଇ.ପି.ରେ ଉନ୍ନତି ବିଧାନ କରାଯାଇ ପାରିଛି । ଆଇ.ଏଫ୍.ସି. ଏକଥା ମଧ୍ୟ ଉଲ୍ଲେଖ କରିଛି ଯେ ଏକ ସମୟାନୁକ୍ରମିକ

ପ୍ରଭାବ ଆକଳନ ଅନୁଧ୍ୟାନ ମଧ୍ୟ କରାଯାଇଥିଲା। ତେବେ ଏହି ଆକଳନରେ ସେହି ଅଞ୍ଚଳରେ ଥିବା ଅନ୍ୟ ଶିଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ କି ଦ୍ୱିତୀୟ ପର୍ଯ୍ୟାୟରେ ଜି.କେ.ଇ.ଏଲ୍.ର ପ୍ରସ୍ତାବିତ ୩୫୦ ମେଗାୱାଟ ଶକ୍ତି କେନ୍ଦ୍ରକୁ ସାମିଲ କରାଯାଇ ନାହିଁ। ଆଇ.ଏଫ୍.ସି. ଅନୁରୋଧ କରିଛି ଯେ ଜି.କେ.ଇ.ଏଲ୍. ତାହାର ସମୟାନୁକ୍ରମିକ ପ୍ରଭାବ ଆକଳନ କରୁ।

ମଇ ୨୦୧୭ର କ୍ଷେତ୍ର ପରିଦର୍ଶନ ସମୟରେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ସହ କରିଥିବା ସାକ୍ଷାତକାରରୁ ଆଇ.ଏଫ୍.ସି. ତାହାର ପରିଦର୍ଶନ ରିପୋର୍ଟରେ ଦର୍ଶାଇଛି ଯେ ପ୍ରକଳ୍ପ ପ୍ରଭାବିତଙ୍କ ସହ ଆଲୋଚନାରୁ ଏକଥା ସ୍ପଷ୍ଟ ହୋଇଛି ଯେ (କ) ସେମାନଙ୍କ ସହ ଆଲୋଚନା କରାଯାଇଛି ଏବଂ ଏଲ୍.ଆର.ପି. ସକାଶେ ସେମାନଙ୍କର ସର୍ଭେ କରାଯାଇଛି (ଖ) ଏଲ୍.ଆର.ପି.ରୂପାୟନ ବେଳେ ସେମାନେ ଜି.କେ.ଇ.ଏଲ୍.ଠାରୁ ନିୟମିତ ରୂପେ ସହଯୋଗ ପାଇଛନ୍ତି ଏବଂ (ଗ) ସେମାନେ ଜି.କେ.ଇ.ଏଲ୍. ଠାରୁ ଗ୍ରହଣ କରିଥିବା ଜୀବିକା ସଂପର୍କିତ ସାହାଯ୍ୟ ଦ୍ୱାରା ଲାଭବାନ ହେଉଛନ୍ତି । ଆଇ.ଏଫ୍.ସି.ର କର୍ମଚାରୀମାନେ ସି.ଏ.ଓ. ନିକଟରେ ଅଭିଯୋଗ କରିଥିବା ଜଣେ ଅଭିଯୋଗକାରୀଙ୍କ ସହ ମଧ୍ୟ ସାକ୍ଷାତ କରିଥିଲା । ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛି ଯେ ଅଭିଯୋଗକାରୀ ଏଲ୍.ଆର୍.ପି.ର ରୂପାୟନ ଆରମ୍ଭ ହୋଇଛି ବୋଲି ସ୍ୱୀକାର କଲେ, ମାତ୍ର ଜୋର ଦେଇ ଏକଥା ମଧ୍ୟ ଉଲ୍ଲେଖ କଲେ ଯେ ପରିବାର ପିଛା ଖର୍ଚ୍ଚ ଅଟକଳ ଯଥେଷ୍ଟ ହୋଇ ନ'ଥିବାରୁ ଏହା ଫଳରେ ରୋଜଗାର କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ହୋଇ ନ'ପାରେ। ଆଇ.ଏଫ୍.ସି. ଏକଥା ରେକର୍ଡ଼ଭୁକ୍ତ କରିଛନ୍ତି ଯେ ଅଭିଯୋଗକାରୀ ଏକଥା ସ୍ୱୀକାର କରିଛନ୍ତି ଯେ ପ୍ରକଳ୍ପ ପ୍ରଭାବିତ ପରିବାରମାନେ ଜି.କେ.ଇ.ଏଲ୍. ନିକଟରେ ଅଭିଯୋଗ କରନ୍ତି ଏବଂ ଏହି ଅଭିଯୋଗଗୁଡ଼ିକର ପ୍ରତିକାର ମଧ୍ୟ କରାଯାଏ ।

## ସି.ଏ.ଓ.ର ଅନୁପାଳନ ଯାଞ୍ଚର ବିଶ୍ଳେଷଣ

ଦଲିଲର ଏହି ଭାଗରେ ଆଇ.ଏଫ୍.ସି. ଅନୁପାଳନ କରିନାହିଁ ବୋଲି ମିଳିଥିବା ସିଦ୍ଧାନ୍ତ ସଂପର୍କରେ ଆଇ.ଏଫ୍.ସି. ଦେଇଥିବା ଉତ୍ତର ଏବଂ ଆଜି ପର୍ଯ୍ୟନ୍ତ ଆଇ.ଏଫ୍.ସି. ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକର କେତେଦୁର ପର୍ଯ୍ୟାପ୍ତ ସେ ସଂପର୍କରେ ସି.ଏ.ଓ.ର ବିଶ୍ଳେଷଣକୁ ଉପସ୍ଥାପିତ କରାଯାଇଛି । ନିମ୍ନଲିଖିତ ଉପ-ଅଂଶଗୁଡ଼ିକୁ ସି.ଏ.ଓ.ର ଅନୁପାଳନ ସଂକ୍ରାନ୍ତୀୟ ବିବରଣୀ ଆଧାରରେ ସଜା ଯାଇଛି : ପୁଞ୍ଜି ବିନିଯୋଗ ପୂର୍ବରୁ ଆଇ.ଏଫ୍.ସି. ଦ୍ୱାରା ନୀତିନିୟମର ପାଳନ, ପାରିବେଶିକ ଏବଂ ସାମାଜିକ ଝୁଙ୍କି ପରିଚାଳନାର ଢ଼ାଞ୍ଚା, ଅଧୀକ୍ଷଣ ଏବଂ ତଥ୍ୟ ପ୍ରକାଶ ।

## ଆଇ.ଏଫ୍.ସି. ଦ୍ୱାରା ପ୍ରାକ-ବିନିଯୋଗ ନିୟମ ପାଳନ

**ସି.ଏ.ଓ. ଅନୁଧ୍ୟାନର ସିଦ୍ଧାନ୍ତଗୁଡ଼ିକର ସାରାଂଶ**

ଆଇ.ଏଫ୍.ସି. ଯଥାର୍ଥ ଭାବେ ଏକଥା ଚିହ୍ନଟ କରିଛି ଯେ ଏହାର ଗ୍ରାହକ ଦ୍ୱାରା ବୃହତ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଯୋଜନାବଦ୍ଧ ପୁଞ୍ଜି ନିବେଶରେ ପାରିବେଶିକ ଏବଂ ସାମାଜିକ ଝୁଙ୍କି ରହିଛି ।

ଆଇ.ଏଫ୍.ସି. ଦ୍ୱାରା ପୁଞ୍ଜି ବିନିଯୋଗ ପୂର୍ବରୁ ଏହାର ଗ୍ରାହକର 'ଫଣ୍ଡ୍ ସହ ସଂପୃକ୍ତ ପାରିବେଶିକ ଏବଂ ସାମାଜିକ ଝୁଙ୍କିକୁ ପରିଚାଳନା କରିବାର ଦକ୍ଷତା' ସଂପର୍କରେ କରାଯାଇଥିବା ସମୀକ୍ଷା - ଏହି ଝୁଙ୍କିଗୁଡ଼ିକର ସ୍ତର ଅନୁରୂପ ନଥିଲା ।

ଫଳସ୍ୱରୂପ, ଆଇ.ଏଫ୍.ସି. ନିକଟରେ 'ଫଣ୍ଡ୍‌ରେ ଏହାର ବିନିଯୋଗ ଏକ ଗ୍ରହଣ ଯୋଗ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତା ପୂରଣ କରିପାରିବ କି ନାହିଁ' ସେ ସଂପର୍କରେ ଏକ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ଏକ ଉପଯୁକ୍ତ ଆଧାରର ଅଭାବ ଥିଲା ।

**ଆଇ.ଏଫ୍.ସି.ର ଉତ୍ତର ଏବଂ ବିଶ୍ଳେଷଣ:** ଏହାର ଉତ୍ତରରେ ଆଇ.ଏଫ୍.ସି., ସି.ଏ.ଓ. ସହ ସହମତ ହୋଇଛି ଯେ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା କ୍ଷେତ୍ରରେ ଏକ ଇ.ଏସ୍.ଏମ୍.ଏସ୍.କୁ ରୂପାୟିତ କରିବା ସକାଶେ ଗ୍ରାହକର ଅଙ୍ଗୀକାରବଦ୍ଧତା ଏବଂ ଦକ୍ଷତା ପ୍ରତିଷ୍ଠିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛି ଯେ ୨୦୦୮ ମସିହା ପରଠାରୁ ଏଫ.ଆଇ. କ୍ଷେତ୍ରରେ ନିୟମ ପାଳନରେ ଏହା ଉନ୍ନତି କରିଛି । ବିଶେଷ କରି ଆଇ.ଏଫ୍.ସି. ଏକଥା ସ୍ୱୀକାର କରିଛି ଯେ ଏବେ ଏହା ଫଣ୍ଡ୍ ମ୍ୟାନେଜରଙ୍କ ଅତୀତର କାର୍ଯ୍ୟଦକ୍ଷତା, ଅଙ୍ଗୀକାରବଦ୍ଧତା ଏବଂ ନିଜ ସଂସ୍ଥାରେ ଥିବା ପାରିବେଶିକ ଏବଂ ସାମାଜିକ ଦକ୍ଷତାର ଫୁଙ୍ଖାନୁଫୁଙ୍ଖ ସମୀକ୍ଷା କରୁଛି ।

ଯେହେତୁ ସି.ଏ.ଓ.ର ସିଦ୍ଧାନ୍ତଗୁଡ଼ିକ ୨୦୦୭ ମସିହାରେ ଆଇ.ଏଫ୍.ସି. ନିୟମକାନୁନର ସଠିକ ପାଳନ କରିବା ଉପରେ ଆଧାରିତ ଥିଲା ଏବଂ ତା' ପରଠାରୁ ଆଇ.ଏଫ୍.ସି.ର ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି, ତେଣୁ ଏହି ସିଦ୍ଧାନ୍ତଗୁଡ଼ିକ ସଂପର୍କରେ ପ୍ରକଳ୍ପସ୍ତରର ଉତ୍ତର ଆଶା କରାଯାଉନାହିଁ । ଆଇ.ଏଫ୍.ସି.ର ପୋର୍ଟଫୋଲିଓ ସଂପର୍କରେ ସି.ଏ.ଓ.ର ଅଡ଼ିଟ ଏବଂ ଯାଞ୍ଚ ରିପୋର୍ଟଗୁଡ଼ିକରେ[୨୦] ସି.ଏ.ଓ. ଏକଥା ସ୍ୱୀକାର କରିଛି ଯେ ଏଫ୍.ଆଇ. କ୍ଷେତ୍ରରେ ନୀତିନିୟମର ପାଳନରେ ଆଇ.ଏଫ୍.ସି ତା'ର ଆଭିମୁଖ୍ୟ ବଦଳାଇଛି । ବିଶେଷ କରି ଏହାର ମାର୍ଚ୍ଚ ୨୦୧୭ ଏଫ୍.ଆଇ. ଯାଞ୍ଚ ରିପୋର୍ଟରେ ସି.ଏ.ଓ. ଏହି ମତ ଦେଇଛି ଯେ

[20] ଆଇ.ଏଫ୍.ସି.ର ଆର୍ଥିକ କ୍ଷେତ୍ର ବିନିଯୋଗଗୁଡିକର ଅନୁପାଳନ ଅଡିଟ ଓ ଯାଞ୍ଚ ରିପୋର୍ଟ http://goo.gl/tLzUWH ରେ ଉପଲବ୍ଧ ।

ଆଇ.ଏଫ୍.ସି. (କ) ଆଇ.ଏଫ୍.ସି. ତା'ର ପାରିବେଶିକ ଏବଂ ସାମାଜିକ କର୍ମଚାରୀମାନଙ୍କୁ ଦେଉଥିବା ମାର୍ଗଦର୍ଶନରେ ଉନ୍ନତି ଆଣିଛି (ଖ) ପାରିବେଶିକ ଏବଂ ସାମାଜିକ କ୍ଷେତ୍ରରେ ନୀତି ନିୟମର ପାଳନକୁ ପ୍ରଗାଢ଼ କରିବା ସକାଶେ ପରୀକ୍ଷାମୂଳକ ଭାବେ ସାଧନଗୁଡ଼ିକର ପ୍ରୟୋଗ କରିଛି ଏବଂ (ଗ) ନୀତିନିୟମ ପାଳନ କ୍ଷେତ୍ରରେ ଉପ-ପ୍ରକଳ୍ପ ସ୍ତରୀୟ ଝୁଙ୍କିଗୁଡ଼ିକୁ ବିଚାର କରୁଛି । ଏ ସବୁ ସତ୍ତ୍ୱେ ସି.ଏ.ଓ. ଏକଥା ଉଲ୍ଲେଖ କରିଛି ଯେ ଆଇ.ଏଫ୍.ସି.ର ଏଫ୍.ଆଇ. କ୍ଷେତ୍ରରେ ନୀତିନିୟମର ପାଳନର ମାନରେ କ୍ଷତ୍ରରେ ବ୍ୟାପକ ତାରତମ୍ୟମାନ ରହିଛି ଏବଂ ସମୀକ୍ଷା କରାଯାଇଥିବା ସଂଖ୍ୟାଗରିଷ୍ଠ ଦୃଷ୍ଟାନ୍ତରେ, ଆଇ.ଏଫ୍.ସି.ର ଏଫ୍.ଆଇ.କ୍ଷେତ୍ରରେ ନୀତି  ନିୟମର ପାଳନ ଝୁଙ୍କି ଅନୁରୂପ ହୋଇ ନଥିଲା । ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାଗୁଡ଼ିକର ରୂପାୟନ ସକାଶେ ଏଫ୍.ଆଇ.ର ଦକ୍ଷତାର ସଂପର୍କରେ ଆଇ.ଏଫ୍.ସି.ର ସମୀକ୍ଷାକୁ ନେଇ ମଧ୍ୟ ସି.ଏ.ଓ. ଚିନ୍ତା ପ୍ରକଟ କରିଛି ।

**ଉପସଂହାର:** ଏହି ସବୁ ସିଦ୍ଧାନ୍ତ ସଂପର୍କରେ ପ୍ରକଳ୍ପ ସ୍ତରରେ ଉତ୍ତର ଦିଆଯିବ ବୋଲି ଆଶା କରାଯାଉନାହିଁ । ମୋଟାମୋଟି ଭାବେ କହିବାକୁ ଗଲେ, ଏଫ୍.ଆଇ. କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପୂର୍ବରୁ ନୀତି ନିୟମର ସଠିକ୍‌ରୂପେ ପାଳନକୁ ନେଇ ଆଇ.ଏଫ୍.ସି.ର ଆଭିମୁଖ୍ୟ ସଂକ୍ରାନ୍ତରେ ସି.ଏ.ଓ.,  ଆଇ.ଏଫ୍.ସି. ସହ ଲଗାତର ଭାବେ କାର୍ଯ୍ୟ କରିବ ।

## ପାରିବେଶିକ ଏବଂ ସାମାଜିକ ଝୁଙ୍କି ପରିଚାଳନାର ଢ଼ାଞ୍ଚା

**ସି.ଏ.ଓ. ଅନୁସନ୍ଧାନ ସିଦ୍ଧାନ୍ତର ସାରାଂଶ**

ଯେଉଁ ଚୁକ୍ତିଗୁଡ଼ିକଦ୍ୱାରା ଫଣ୍ଡରେ ଆଇ.ଏଫ୍.ସି.ର ବିନିଯୋଗ ପରିଚାଳିତ ହେଉଥିଲା, ସେଗୁଡ଼ିକ ଫଣ୍ଡକୁ ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାକୁ ମାନି ଚଳିବାକୁ ସୁନିଶ୍ଚିତ କରାଇବାରେ ଆଇ.ଏଫ୍.ସି. ପାଇଁ ବିଶେଷ ସହାୟକ ହେଉ ନଥିଲା ।

ଆଇ.ଏଫ୍.ସି. ପରିଚାଳନା ଦଳଦ୍ୱାରା ସ୍ଥିର କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପାରିବେଶିକ ଏଂ ସାମାଜିକ ଆବଶ୍ୟକତାଗୁଡ଼ିକୁ ଫଣ୍ଡରେ ଆଇ.ଏଫ୍.ସି.ର ବିନିଯୋଗକୁ ସଂଚାଳିତ କରୁଥିବା ରାଜିନାମା / ଚୁକ୍ତିଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

ଆଇ.ଏଫ୍.ସି. କର୍ମଚାରୀମାନଙ୍କ ପାଇଁ ସେହି ସମୟରେ ଉପଲବ୍ଧ ହୋଇଥିବା ମାର୍ଗଦର୍ଶିକାରେ ବର୍ଣ୍ଣିତ ପାରିବେଶିକ ଓ ସାମାଜିକ ଆବଶ୍ୟକତାଗୁଡ଼ିକ ଫଣ୍ଡରେ ଆଇ.ଏଫ୍.ସି.ର ବିନିଯୋଗକୁ ସଂଚାଳିତ କରୁଥିବା ରାଜିନାମା / ଚୁକ୍ତିଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇନଥିଲା ।

ଫଣ୍ଡରେ ଆଇ.ଏଫ୍.ସି.ର ବିନିଯୋଗକୁ ସଂଚାଳିତ କରୁଥିବା ଚୁକ୍ତିଗୁଡ଼ିକ, ଆଇ.ଏଫ୍.ସି.ର ସେହି ଉଦ୍ଦେଶ୍ୟଗୁଡ଼ିକ ହାସଲ କରିବାରେ ସହାୟକ ହେଲାନାହିଁ, ଯାହାକି ଏହା ବିନିଯୋଗ କରୁଥିବା ପ୍ରକଳ୍ପଗୁଡ଼ିକ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ ପରିଚାଳିତ ହେବାକୁ ସୁନିଶ୍ଚିତ କରେ ।

**ଆଇ.ଏଫ୍.ସି.ର ଉତ୍ତର ଏବଂ ବିଶ୍ଳେଷଣ:** ବିନିଯୋଗ ସଙ୍କ୍ରାନ୍ତୀୟ ଚୁକ୍ତିଗୁଡ଼ିକ ସଂପର୍କରେ ସହମତି ପ୍ରକାଶ କଲାବେଳେ ଆଇ.ଏଫ୍.ସି. ଦୃଢ଼ଭାବରେ କହିଥିଲା ଯେ ଏହାର ବିନିଯୋଗ ସଂପର୍କିତ ଦଳ ଏପରି ଏକ ଆଭିମୁଖ୍ୟ ଅବଲମ୍ବନ କରେ ଯାହାକି ଏକ ଜଟିଳ ଆଇନଗତ ବାତାବରଣ ଏବଂ ବଜାରରେ ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାଗୁଡ଼ିକ ସେତେଟା ବିକଶିତ ହୋଇନଥିବା ସମୟରେ ମଧ୍ୟ ଅର୍ଥପୂର୍ଣ୍ଣ ସୁରକ୍ଷାମାନ ଯୋଗାଇ ଦେଇ ପାରିବ। ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛି ଯେ ଏହି ବିନିଯୋଗ ପାଇଁ ଅଙ୍ଗୀକାରବଦ୍ଧ ହେବା ଦିନଠାରୁ ଏବଂ ଅନ୍ୟ ଘରୋଇ ଇକ୍ୱିଟି ବିନିଯୋଗକାରୀମାନଙ୍କ ଅଭିଜ୍ଞତାରୁ ମିଳିଥିବ ଶିକ୍ଷାର ଆଧାରରେ, ଆଇ.ଏଫ୍.ସି. ତା'ର ବିନିଯୋଗ ସଂପର୍କିତ ଚୁକ୍ତିଗୁଡିକୁ ଅଧିକ ବଳିଷ୍ଠ କରିଛି। ବିଶେଷ କରି ଆଇ.ଏଫ୍.ସି. ଏକଥା ନିଘା କରିଛି ଯେ ଏବେ ତାହାକୁ (କ) ଫଣ୍ଡର ପୋର୍ଟଫୋଲିଓ କମ୍ପାନୀଗୁଡ଼ିକର କାରଖାନା ପରିଦର୍ଶନରେ ଯିବା ଏବଂ ସେମାନଙ୍କର ରେକର୍ଡ଼ପତ୍ରରୁ ପାରିବେଶିକ ଓ ସାମାଜିକ ଅନୁପାଳନର ଯାଞ୍ଚ କରିବା (ଖ) ଯେଉଁ ଉପ-ପ୍ରକଳ୍ପଗୁଡ଼ିକ ଦକ୍ଷତା ପ୍ରଦର୍ଶନ କରୁନାହାନ୍ତି ସେମାନଙ୍କୁ ସଂଶୋଧନମୂଳକ ପଦକ୍ଷେପ ନେବା ସକାଶେ ଫଣ୍ଡକୁ ଅନୁରୋଧ କରିବା କିମ୍ବା କରେକ୍ଟିଭ୍ ପୁଞ୍ଜି ଯୋଗାଣ ବନ୍ଦ କରିଦେବାର ଉଦ୍ୟମକୁ କାର୍ଯ୍ୟକାରୀ କରିବା ଏବଂ (ଗ) ଆଇ.ଏଫ୍.ସି.ର ସୂଚନା ଜଣାଇବାର ନୀତି ଅନୁଯାୟୀ ଆବଶ୍ୟକୀୟ ପାରିବେଶିକ ଏବଂ ସାମାଜିକ ଦାୟିତ୍ୱ ପାଳନ ସକାଶେ ସୂଚନା ପ୍ରଘଟ କରିବା ।

ଏପ୍ରିଲ ୨୦୧୮ରେ ଏହା ଘୋଷଣା କରାଗଲା ଯେ ଆଇ.ଡ଼ି.ଏଫ୍.ସି., ଆଇ.ଆଇ.ଏଫ୍.ରେ ଥିବା ଏହାର ଅଂଶଧନ ଏବଂ ଏହାର ଆଇ.ଡ଼ି.ଏଫ୍.ସି. ଅଲଟରନେଟିଭସ୍[୨୧] ର ସଂପୂର୍ଣ୍ଣ ମାଲିକାନା ଗ୍ଲୋବାଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପାର୍ଟନର୍ସକୁ[୨୨] ବିକ୍ରୀ କରିବା ପାଇଁ ରାଜି ହୋଇଛି । ଆଇ.ଏଫ୍.ସି.ର ଆଇନଗତ ଚୁକ୍ତିନାମା ଅନୁଯାୟୀ ଏହି ବିକ୍ରୀ କାର୍ଯ୍ୟ ଆଗେଇବା ସକାଶେ ଆଇ.ଆଇ.ଏଫ୍. ଲିମିଟେଡ଼ର ଅଂଶୀଦାରମାନଙ୍କ ମଧ୍ୟରୁ ୭୫%ଙ୍କର ସହମତି ଆବଶ୍ୟକ । ଆଇ.ଏଫ୍.ସି.ର ପରିଚାଳନା ବୋର୍ଡ଼କୁ ଦିଆଯାଇଥିବା ଏକ ସ୍ମାରକ (ମେମୋ)ରେ ଆଇ.ଏଫ୍.ସି.ର ଦଳ ଏହା ପରାମର୍ଶ ଦେଇଥିଲେ ଯେ

---

21 ଆଇ.ଡି.ଏଫ୍.ସି. ହେଉଛି ଆଇ.ଏଫ୍.ସି. ର ବିନିବେଶ ମ୍ୟାନେଜର । ବିନିବେଶ ମ୍ୟାନେଜର କାମ ହେଉଛି ଫଣ୍ଡର ନିତିଦିନିଆ କାର୍ଯ୍ୟକୁ ପରିଚାଳିତ କରିବା ।

22 ଭିସି ସର୍କଲ, ଏପ୍ରିଲ ୩୦, ୨୦୧୮ । ଆଇ.ଡି.ଏଫ୍.ସି. ଅଲ୍ଟରନେଟିଭସ୍ ଇନ୍‌ଫ୍ରାଷ୍ଟକ୍ଚର ଫଣ୍ଡକୁ ଜି.ଆଇ.ପି. କୁ ବିକ୍ରୀ କରିବାକୁ ଚୁକ୍ତି ସ୍ୱାକ୍ଷର କରିଥିଲା । http://goo.gl/n1FwNQ ରେ ଉପଲବ୍ଧ ।

ଆଇ.ଏଫ୍.ସି.  ବିକ୍ରୀ ପାଇଁ ଏହି ସର୍ତ୍ତରେ ସମ୍ମତି ପ୍ରଦାନ କରିବା ଆବଶ୍ୟକ ଯେ ନୂଆ ବିନିଯୋଗ ପରିଚାଳକ ବର୍ତ୍ତମାନର ବିନିଯୋଗ ପରିଚାଳନଙ୍କର ସମସ୍ତ ପାରିବେଶିକ ଏବଂ ସାମାଜିକ ଉତ୍ତର ଦାୟିତ୍ୱ ନିର୍ବାହ କରିବେ । ଏହା ସଙ୍ଗେ ସଙ୍ଗେ ଆଇ.ଏଫ୍.ସି. ଏହାର ବିନିଯୋଗ ଚୁକ୍ତିରେ ଅତିରିକ୍ତ ସର୍ତ୍ତମାନ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ଚାହିଁଲା । ବିଶେଷ କରି, ଆଇ.ଏଫ୍.ସି. ଅନୁରୋଧ କଲା ଯେ ନୂତନ ବିନିଯୋଗ ପରିଚାଳକ (କ) ଫଣ୍ଡର ପୋର୍ଟଫୋଲିଓ ବିନିଯୋଗ କରାଯାଉଥିବା ପ୍ରକଳ୍ପଗୁଡ଼ିକୁ କ୍ଷେତ୍ର ପରିଦର୍ଶନରେ ଯାଇ ପାରିବାର  ତଥା ଅନୁରୋଧ କରାଯାଇପରିଥିବା ମତେ ପାରିବେଶିକ ଏବଂ ସାମାଜିକ ସୂଚନା ପାଇବାର ଅଧିକାର (ଖ) ଆନୁଷ୍ଠାନିକ ଭାବେ ଆଇ.ଏଫ୍.ସି. - ଆଇ.ଆଇ.ଏଫ୍,  ଇ.ଏସ୍.ଏ.ପି.କୁ କାର୍ଯ୍ୟକାରୀ କରିବା ପାଇଁ ରାଜି ହେବା ଏବଂ ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍.ର ଇ.ଏସ୍.ଏ.ପି.ର ରୂପାୟନକୁ ଯାଞ୍ଚ କରିବା (ଗ) ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ଅନୁପାଳନ ସଂପର୍କରେ ପ୍ରତିବର୍ଷ ଏକ ତୃତୀୟ ପକ୍ଷଦ୍ୱାରା କରାଯାଇଥିବା ଅଡ଼ିଟ୍ ରିପୋର୍ଟ ଆଇ.ଏଫ୍.ସି.କୁ ଦେବେ । ଏହି ଅଡ଼ିଟ୍ ଆଇ.ଏଫ୍.ସି. ସହମତ ହୋଇଥିବା ସର୍ତ୍ତାବଳୀ  ଅନୁଯାୟୀ ଆଇ.ଏଫ୍.ସି. ପାଇଁ ଗ୍ରହଣୀୟ ସଂସ୍ଥା ଦ୍ୱାରା କରାଯିବା ଆବଶ୍ୟକ ଏବଂ (ଘ) ଆଇ.ଏଫ୍.ସି.- ଆଇ.ଆଇ.ଏଫ୍.ର  ଇ.ଏସ୍. ଏ.ପି. ଏବଂ ଆଇ.ଆଇ.ଏଫ୍. - ଜି.କେ.ଇ.ଏଲ୍.ର  ଇ.ଏସ୍.ଏ.ପି. ର ରୂପାୟନ ସଂପର୍କରେ ଆଇ.ଏଫ୍.ସି.କୁ ତ୍ରୈମାସିକ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବେ । ତେବେ ଆଇ.ଏଫ୍.ସି. ଏକଥା ସ୍ୱୀକାର କରିଛି ଯେ ଯେହେତୁ ବିକ୍ରୀକୁ ପ୍ରତ୍ୟାଖ୍ୟାନ କରିଦେବା ପାଇଁ ଏହା ନିକଟରେ ଯଥେଷ୍ଟ ଅଂଶଧନ ନଥିଲା, ତେଣୁ ଉପରୋକ୍ତ ଅତିରିକ୍ତ ସର୍ତ୍ତଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ସାମର୍ଥ୍ୟ ଏହା ନିକଟରେ ନଥିଲା ।

ଜୁନ୍, ୨୦୧୮ରେ ବିକ୍ରୀ ପାଇଁ ଆଇ.ଏଫ୍.ସି. ତା'ର ସହମତି ପ୍ରଦାନ କଲା । ଆଇ.ଏଫ୍.ସି. ଏକଥା ଲକ୍ଷ୍ୟ କଲା ଯେ ସଂଶାଧିତ ବିନିଯୋଗ ଚୁକ୍ତିନାମାରେ  ଏକଥା ଅନ୍ତର୍ଭୁକ୍ତ କରାଯାଇଛି ଯେ ନୂଆ ବିନିଯୋଗ ପରିଚାଳକ (କ) ଏବଂ (ଖ) ସର୍ତ୍ତଗୁଡ଼ିକୁ ପାଳନ କରିବେ। ମାତ୍ର ଏହି ଚୁକ୍ତିନାମାରେ (ଗ) ଏବଂ (ଘ) ସର୍ତ୍ତଗୁଡ଼ିକର ପାଳନ ସଂପର୍କରେ ନିର୍ଦ୍ଦିଷ୍ଟଭାବେ କିଛି ହେଲେ ଉଲ୍ଲେଖ କରାଯାଇ ନଥିଲା । ତେବେ, ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛି ଯେ ଆଇ.ଏଫ୍.ସି. - ଆଇ.ଆଇ.ଏଫ୍. ଇ.ଏସ୍.ଏ.ପି.ର ରୂପାୟନ ସଂକ୍ରାନ୍ତୀୟ ଆନୁଷ୍ଠାନିକ ଅଙ୍ଗୀକାରରେ ଏହି ଆବଶ୍ୟକତା ଅନ୍ତର୍ଭୁକ୍ତ ଯେ ସମସ୍ତ ପୋର୍ଟ ଫୋଲିଓ ବିନିଯୋଗ ସକାଶେ କେବଳ ଥରେ ମାତ୍ର ତୃତୀୟ ପକ୍ଷ ଅଡ଼ିଟ୍ କରାଯିବ । ଆଇ.ଏଫ୍.ସି. ଏକଥା ଜଣାଇଛି ଯେ ଏହା କେବଳ  ଏହି କାରଣରୁ ବିକ୍ରୀପାଇଁ ରାଜି ହେଲା ଯେ, ଏହା ସହମତି ପ୍ରକାଶ କରି ନଥିଲେ ମୂଳଚାଲ କରିଥିବା ଅତିରିକ୍ତ ଅଧିକାରଗୁଡ଼ିକୁ ହରାଇବାର ଆଶଂକା ଥିଲା ।

**ଉପସଂହାର:** ସି.ଏ.ଓ.ର ଅନୁପାଳନ ସଂପର୍କିତ ଅନୁସନ୍ଧାନରୁ ଏକଥା ଜଣା ପଡ଼ିଲା ଯେ ଆଇ.ଏଫ୍.ସି.ର ବିନିଯୋଗକୁ ନିୟନ୍ତ୍ରିତ କରୁଥିବା ଚୁକ୍ତିନାମାଗୁଡ଼ିକ ଆଇ.ଏଫ୍.ସି.କୁ ଏହାର ପାରିବେଶିକ ଏବଂ ସାମାଜିକ ଅନୁପାଳନକୁ ସୁନିଶ୍ଚିତ କରିବା ସକାଶେ ଯଥେଷ୍ଟ ସୁଯୋଗ ଦେଲା ନାହିଁ । ଅନୁଧ୍ୟାନ ରିପୋର୍ଟର ପ୍ରସାରଣ ପରଠାରୁ, ସି.ଏ.ଓ. ଏକଥା ସ୍ୱୀକାର କରୁଛି ଯେ ଅତିରିକ୍ତ ପାରିବେଶିକ ଏବଂ ସାମାଜିକ ସର୍ତ୍ତଗୁଡ଼ିକ ସକାଶେ କରିଥିବା ମୂଳଚାଲଗୁଡ଼ିକ ଯୋଗୁଁ ବିନିଯୋଗର ଅଧୀକ୍ଷଣ କରିବା ପାଇଁ ଆଇ.ଏଫ୍.ସି.ର ସାମର୍ଥ ବଢ଼ାଇଛି। କିନ୍ତୁ ଏହା ସଙ୍ଗେ ସଙ୍ଗେ, ସି.ଏ.ଓ. ଙ୍କ ଅନୁସନ୍ଧାନ ରିପୋର୍ଟରେ ଦର୍ଶାଯାଇଥିବା ଅନେକ ଗୁଡ଼ିଏ ତ୍ରୁଟି ଅସମାହିତ ରହିଛି। ବିଶେଷ କରି ଯେଉଁ କ୍ଷେତ୍ରରେ  ଗୋଟିଏ ପୋର୍ଟଫୋଲିଓ କମ୍ପାନୀ ଆଇ.ଏଫ୍.ସି.ର ପାରିବେଶିକ ଓ ସାମାଜିକ ଆବଶ୍ୟକତାଗୁଡ଼ିକର ଅନୁପାଳନ କରିପାରୁନାହିଁ ଏବଂ ଅନୁପାଳନ କରିବା ସକାଶେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ, ସେପରି ସ୍ଥଳେ ଆଇ.ଏଫ୍.ସି. ଏପରି ଏକ ସ୍ଥିତିରେ ନାହିଁ ଯେ ଏହା ଆଇ.ଆଇ.ଏଫ୍‌କୁ  ଉକ୍ତ ପୋର୍ଟଫୋଲିଓ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ କିମ୍ବା ଆଇ.ଏଫ୍.ସି. ପ୍ରତି କୌଣସି ପ୍ରତିକୂଳ ଆର୍ଥିକ୍ ପ୍ରଭାବ ନ'ପକାଇ ଉକ୍ତ କମ୍ପାନୀକୁ ଆଇ.ଏଫ୍.ସି. ଠାରୁ ଦୂରରେ ରଖିବାକୁ କହି ପାରିବ ।

## ଅଧୀକ୍ଷଣ

**ସି.ଏ.ଓ. ଅନୁସନ୍ଧାନ ନିଷ୍କର୍ଷର ସାରାଂଶ**

ଆଇ.ଏଫ୍.ସି.ର ଅଧୀକ୍ଷଣ ଏକଥା ସୁନିଶ୍ଚିତ କରିବା ସକାଶେ ଯଥେଷ୍ଟ ନଥିଲା ଯେ ଫଣ୍ଡ୍ ମାଧ୍ୟମରେ ଏହା ପାଣ୍ଠି ଯୋଗାଉଥିବା ଅତ୍ୟଧିକ ଝୁଙ୍କିଥିବା ପ୍ରକଳ୍ପଗୁଡ଼ିକ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ ନିର୍ମିତ ତଥା ପରିଚାଳିତ ହେବ । କାର୍ଯ୍ୟଦକ୍ଷତା ମାନଦଣ୍ଡ ଆଇ.ଏଫ୍.ସି.ର ନିରନ୍ତରତା ନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ହୋଇଥିବାରୁ ଏହା ଆଶା କରାଯାଏ ।

ଆଇ.ଏଫ୍.ସି. ଫଣ୍ଡ୍‌କୁ ପ୍ରଥମ କିସ୍ତି ଅର୍ଥ ଯୋଗାଇବା ବେଳେ ପାରିବେଶିକ ଏବଂ ସାମାଜିକ ସର୍ତ୍ତଗୁଡ଼ିକୁ ପୂରଣ ହେବାକୁ ସୁନିଶ୍ଚିତ କରାଇ ନଥିଲା ।

କମଲାଙ୍ଗ ପ୍ରକଳ୍ପ ସକାଶେ ଫଣ୍ଡ୍ ଦ୍ୱାରା ସମସ୍ତ ପାରିବେଶିକ ଏବଂ ସାମାଜିକ  ନିୟମ/ସର୍ତ୍ତଗୁଡ଼ିକର ପାଳନ ସଂପର୍କରେ ଆଇ.ଏଫ୍.ସି.ର  ସମୀକ୍ଷା ଏପରି ନିଷ୍କର୍ଷରେ ପହଞ୍ଚିବା ସକାଶେ କୌଣସି ଆଧାର ଦେଲା ନାହିଁ ଯେ ଏକ ଗ୍ରହଣଯୋଗ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପଟି କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରିବ ।

ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ କର୍ମଚାରୀମାନେ ଯଥାର୍ଥରେ ଅକ୍ଟୋବର ୨୦୧୦ ଠାରୁ ଫଣ୍ଡ୍‌କୁ ମାତ୍ର ୪ ଇ.ଏସ୍.ଏସ୍.ଆଇ ଦେଇଥିଲେ ଯାହାର ଅର୍ଥ ହେଲା ସନ୍ତୋଷଜନକ ନୁହେଁ । ଏହା ସଙ୍ଗେ ସଙ୍ଗେ ଆଇ.ଏଫ୍.ସି.ର ପୁଞ୍ଜି ବିନିଯୋଗ ଦାୟିତ୍ୱ ବୁଝୁଥିବା କର୍ମଚାରୀମାନଙ୍କୁ ଗ୍ରାହକର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ମାନଦଣ୍ଡ ଏବଂ ଇ.ଏସ୍.ଆର୍.ପି.ର ଆବଶ୍ୟକତା ମଧ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି ବୋଲି ଜଣାଇ ଦିଆଯାଇଥିଲା ।

କମଲାଙ୍ଗ ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ ପ୍ରଭାବ ସଂପର୍କରେ ଗୁରୁତର, ଦୀର୍ଘକାଳୀନ ତଥା ଭଲ ଭାବରେ ଦଲିଲକରଣ ହୋଇଥିବା ସମସ୍ୟାଗୁଡ଼ିକ ସଂପର୍କରେ ଆଇ.ଏଫ୍.ସି.ର ପରିଚାଳକମାନେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରିନଥିଲେ ।

ଯେଉଁ ସମୟରେ ଫଣ୍ଡ୍ ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାଗୁଡ଼ିକୁ ମାନିଚିବାରୁ ବସ୍ତୁତଃ ମୁକ୍ତ ଥିଲା, ସେହି ସମୟରେ ଆଇ.ଡ଼ି.ଏଫ୍.ସି.ର ଦୁଇଟି ଅନୁବନ୍ଧିତ କମ୍ପାନୀରେ ଆଇ.ଏଫ୍.ସି. ପୁଞ୍ଜି ନିବେଶ କରିଥିଲା । ଏହା ଆଇ.ଏଫ୍.ସି.ର ନିରନ୍ତରତା ନୀତି ସହ ଖାପ ଖାଉ ନାହିଁ । କାରଣ ଏହି ନୀତି ଅନୁଯାୟୀ ଅନୁପାଳନରେ ବ୍ୟତିକ୍ରମ ଘଟିଲେ ଆଇ.ଏଫ୍.ସି. ପ୍ରତିକାରମୂଳକ ପଦକ୍ଷେପମାନ ଗ୍ରହଣ କରିବା ଆବଶ୍ୟକ ।

କମଲାଙ୍ଗ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ଏବେ ଏହା ପୂର୍ଣ୍ଣତଃ କାର୍ଯ୍ୟକ୍ଷମ। ମାତ୍ର ଏବେ ମଧ୍ୟ ଆଇ.ଏଫ୍.ସି. ଏହା ବିଶ୍ୱାସ କରୁଛି ଯେ ଏବେ ମଧ୍ୟ ଅଭିଯୋଗକାରୀମାନଙ୍କ ଦ୍ୱାରା ଉଠାଯାଇଥିବା ମୁଖ୍ୟ ସମସ୍ୟାଗୁଡ଼ିକର ନିରାକରଣ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅନୁଯାୟୀ କରାଯାଇ ନାହିଁ ।

## ଆଇ.ଏଫ୍.ସି.ର ଉତ୍ତର ଏବଂ ବିଶ୍ଳେଷଣ

ଅନୁଧ୍ୟାନ ରିପୋର୍ଟର ଉତ୍ତର ଦେଇ ଆଇ.ଏଫ୍.ସି. ଏ କଥା ଉଲ୍ଲେଖ କରିଛି ଯେ ଏହା ପ୍ରକଳ୍ପର କାର୍ଯ୍ୟ ଦକ୍ଷତା ବଢ଼ାଇବା ତଥା ଅନ୍ୟାନ୍ୟ ବକେୟା ସମସ୍ୟାଗୁଡ଼ିକର ସମାଧାନ ସକାଶେ ଆଇ.ଆଇ.ଏଫ୍. ଏବଂ ଜି.କେ. ଇ.ଏଲ. ସହ ମିଶି କାର୍ଯ୍ୟ କରୁଛି । ଏହାର ଉତ୍ତର ସହ ଆଇ.ଆଇ.ଏଫ୍.ର ଇ.ଏସ୍.ଏମ୍.ଏସ୍.କୁ ଅଧିକ ଦକ୍ଷ କରିବା ସକାଶେ ଏକ ଯୋଜନା (ଆଇ.ଏଫ୍.ସି. - ଆଇ.ଆଇ. ଏଫ୍. ଇ.ଏସ୍.ଏ.ପି.) ଏବଂ ପ୍ରକଳ୍ପର ଅନୁପାଳନ କ୍ଷେତ୍ରରେ ଚିହ୍ନଟ କରାଯାଇଥିବା ତାରତମ୍ୟ / ଅଭାବ ଦୂରକରିବା ସକାଶେ ଏକ କାର୍ଯ୍ୟ ଯୋଜନା ଦାଖଲ କରାଯାଇଥିଲା ।

ସି.ଏ.ଓ.ର ଅନୁସନ୍ଧାନ ରିପୋର୍ଟରୁ ଏକଥା ଜଣାପଡିଲା ଯେ ଆଇ.ଏଫ୍.ସି. ର ଅଧିକ୍ଷଣ ଏହା ଫଣ୍ଡ୍ ମାଧ୍ୟମରେ ଅର୍ଥ ବିନିଯୋଗ କରିଥିବା ଅଧିକ ଝୁଙ୍କିଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ପରିଚାଳନା,

କାର୍ଯ୍ୟଦକ୍ଷତା ମାନଦଣ୍ଡ ସହ ଖାପଖାଇବା ଢ଼ଙ୍ଗରେ ପ୍ରସ୍ତୁତ କରାଯାଇଛି ବୋଲି ସୁନିଶ୍ଚିତ କରିବା ସକାଶେ ଯଥେଷ୍ଟ ନଥିଲା । ନିଷ୍କର୍ଷ ଏହି ଆଧାରରେ ଗ୍ରହଣ କରାଗଲା ଯେ (କ) ଆଇ.ଏଫ୍.ସି. ପକ୍ଷରୁ ଫଣ୍ଡ୍‌କୁ ଦିଆଯାଇଥିବା ଏ.ଇ.ପି.ଆର୍. ଫର୍ମରେ ଅନୁପାଳନର ଆକଳନ କରିବା ସକାଶେ ଯଥେଷ୍ଟ ପ୍ରଶ୍ନ / ବିବରଣୀ ନଥିଲା ଏବଂ (ଖ) ତୃତୀୟ ପକ୍ଷ ଅଡ଼ିଟ୍ ଦ୍ୱାରା ହେଉ ଅଥବା ସିଧାସଳଖ ଅଧୀକ୍ଷଣ ଦ୍ୱାରା ହେଉ ସମସ୍ତ ପୋର୍ଟଫୋଲିଓ କମ୍ପାନୀମାନେ ଯେ ପ୍ରକଳ୍ପ ସ୍ତରରେ ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି ସେ ସଂପର୍କରେ ଆଇ.ଏଫ୍.ସି. ସୁନିଶ୍ଚିତ ହୋଇ ନ'ପାରିବା । ଉପରେ ସ୍ୱୀକାର କରାଯାଇଥିବା ମତେ ଆଇ.ଏଫ୍.ସି. ପୂର୍ବ ତୁଳନାରେ ପୋର୍ଟଫୋଲିଓ କମ୍ପାନୀଗୁଡ଼ିକରେ ପ୍ରବେଶାଧିକାର କ୍ଷେତ୍ରରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ 'କ' ଶ୍ରେଣୀୟ ପୋର୍ଟ ଫୋଲିଓ କମ୍ପାନୀଗୁଡ଼ିକରେ ଏକ ତୃତୀୟ ପକ୍ଷ ଅଡ଼ିଟ୍‌ର ସର୍ତ୍ତକୁ ମଧ୍ୟ ଅନ୍ତର୍ଭୁକ୍ତ କରି ପାରିଛି ।

ଆଇ.ଏଫ୍.ସି.ର ଉତ୍ତର ପ୍ରସାରିତ ହେବା ପରଠାରୁ ଆଇ.ଏଫ୍.ସି. ପକ୍ଷରୁ ଆଇ.ଏଫ୍.ସି. - ଆଇ.ଆଇ.ଏଫ୍. ଇ.ଏସ୍.ଏ.ପି.ର ରୂପାୟନର ଅଧିକ୍ଷଣ କରାଯାଇଛି । ଆଇ.ଏଫ୍.ସି. ସମସ୍ତ 'କ' ଶ୍ରେଣୀୟ ପୋର୍ଟଫୋଲିଓ କମ୍ପାନୀଗୁଡ଼ିକର ତୃତୀୟ ପକ୍ଷ ଅଡ଼ିଟ୍‌ର ସମୀକ୍ଷା କରିଛି । କେବଳ ଗୋଟିଏ ମାତ୍ର କମ୍ପାନୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଥିଲା, କାରଣ ଏହି କମ୍ପାନୀ ଆର୍ଥିକ ଦୁଃସ୍ଥିତିରେ ପଡ଼ିଥିଲା । ନିଶ୍ଚିତରୂପେ ଆଇ.ଏଫ୍.ସି. ଏହାର ସମୀକ୍ଷାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ରୂପେ ଜି.କେ.ଇ.ଏଲ୍. ସମେତ ତିନୋଟି ପୋର୍ଟଫୋଲିଓ କମ୍ପାନୀ ପରିଦର୍ଶନ କରିଥିଲା ଏବଂ ସେଗୁଡ଼ିକ ସଂପର୍କରେ ଫଣ୍ଡ୍‌କୁ ଯଥେଷ୍ଟ ମତାମତ ଦେଇଥିଲା । କେତେକ ପୋର୍ଟଫୋଲିଓ କମ୍ପାନୀରେ କାର୍ଯ୍ୟଦକ୍ଷତା ମାନଦଣ୍ଡର ରୂପାୟନ କ୍ଷେତ୍ରରେ ରହିଥିବା ଅଭାବ / ତାରତମ୍ୟ ଆଧାରରେ ହିଁ ଆଇ.ଏଫ୍.ସି. ଫଣ୍ଡ୍‌ର କାର୍ଯ୍ୟଦକ୍ଷତାକୁ ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇଥିଲା ।

କମଲାଙ୍ଗ ପ୍ରକଳ୍ପ ସଂକ୍ରାନ୍ତରେ ଆଇ.ଏଫ୍.ସି. ପକ୍ଷରୁ ଜି.ଆର୍.ଏମ୍. ଏଲ୍.ଆର.ପି. ଏବଂ ଏସ୍.ଇ.ପି. ଦଲିଲଗୁଡ଼ିକର ସମୀକ୍ଷା କରାଯାଇଥିଲା ଏବଂ ଏଗୁଡ଼ିକରେ ତ୍ରୁଟି ଥିବା ଚିହ୍ନଟ କରାଯାଇଥିଲା। ବିଶେଷ କରି ଆଇ.ଏଫ୍.ସି. (କ) ଏଲ୍.ଆର.ପି.ରେ କେତେକ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କୁ ସୁବିଧାପ୍ରାପ୍ତ ବୋଲି ଶ୍ରେଣୀଭୁକ୍ତ କରିବା, ତଥା ସେମାନଙ୍କୁ ଜୀବିକା ପୁନର୍ବାହାଲ ବିକଳ୍ପଗୁଡ଼ିକରୁ ବାଦ ଦେବା (ଖ) ଜି.ଆର.ଏମ୍.ର ଭିତ୍ତିଭୂମି ନିର୍ମାଣର ନକ୍ସା (ଗ) ପ୍ରମୁଖ ଦାବୀଦାରମାନଙ୍କୁ ଚଳନ୍ତି ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ସଂପର୍କରେ ଅବଗତ କରାଇବା ସକାଶେ ଏସ୍.ଇ.ପି.ରେ ଯଥେଷ୍ଟ ବ୍ୟବସ୍ଥା ନଥିବା ଏବଂ (ଘ) ପୂର୍ବର ଆକଳନଗୁଡ଼ିକରେ କେତେକ ଅନୁସୂଚୀତ ଜନଜାତିର ଲୋକମାନଙ୍କୁ ପ୍ରକଳ୍ପ ପ୍ରଭାବିତ ରୂପେ ଚିହ୍ନଟ କରାଯାଇଥିଲେ ମଧ୍ୟ ଏଲ୍.ଆର୍.ପି. (ଜୀବିକା ପୁନର୍ବାହାଲ କାର୍ଯ୍ୟକ୍ରମ) ଏହି ପ୍ରକଳ୍ପ ପ୍ରଭାବିତ

ଲୋକମାନଙ୍କ ସକାଶେ ପି.ଏସ୍.୭ ମାନଦଣ୍ଡ ଲାଗୁ କରିବା ସଂପର୍କରେ ବିଚାର କରାନ'ଯିବା ସଂପର୍କରେ ଚିନ୍ତା ପ୍ରକଟ କରିଥିଲା ।

୨୦୧୭ ମସିହା ମଇ ମାସରେ ଏକ କ୍ଷେତ୍ର ପରିଦର୍ଶନ ପରେ ଆଇ.ଏଫ୍.ସି. ଫଣ୍ଡ୍‌କୁ ଅତିରିକ୍ତ ପରାମର୍ଶ ଦେଇ ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ବଢ଼ାଇବାକୁ କହିଥିଲା। ବିଶେଷ କରି ଆଇ.ଏଫ୍.ସି. ପରାମର୍ଶ ଦେଇଥିଲା ଯେ (କ)ସମୟାନୁକ୍ରମିକ ପ୍ରଭାବ ଆକଳନ କ୍ଷେତ୍ରରେ ପ୍ରକଳ୍ପର ପ୍ରସ୍ତାବିତ ସଂପ୍ରସାରଣ ଏବଂ ସେହି ଅଞ୍ଚଳରେ ଥିବା ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକୁ ବିଚାରକୁ ନିଆଯାଉ ଏବଂ (ଖ) ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀମାନଙ୍କ ସହ ଔପଚାରିକ ବୈଠକ, ନିୟମିତରୂପେ ଅଭିଯୋଗ ବାକ୍ସ ଖୋଲାଯିବା ଏବଂ ପଞ୍ଜିକୃତ ଅଭିଯୋଗଗୁଡ଼ିକ କ୍ଷେତ୍ରରେ ପ୍ରାପ୍ତି ସ୍ୱୀକାର ଦେବା ଦ୍ୱାରା ଜି.ଆର୍.ଏମ୍.ଏବଂ ଏସ୍.ଇ.ପି.ର ରୂପାୟନ କ୍ଷେତ୍ରରେ ଉନ୍ନତି ସାଧନ କରିବା ।

ସି.ଏ.ଓ. ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ବଢ଼ାଇବା କ୍ଷେତ୍ରରେ ଆଇ.ଏଫ୍.ସି.ର ଅଧୀକ୍ଷଣ ଏବଂ ଫଣ୍ଡ୍‌କୁ ପରାମର୍ଶ ଦେବା କଥାକୁ ସ୍ୱୀକାର କଲେ ମଧ୍ୟ ସି.ଏ.ଓ.ର ଅନୁସନ୍ଧାନ ରିପୋର୍ଟରେ ଚିହ୍ନଟ କରାଯାଇଥିବା ଅନେକଗୁଡ଼ିଏ ତ୍ରୁଟି / ଅଭାବକୁ ସଂପୂର୍ଣ୍ଣ ରୂପେ ଦୂର କରାଯାଇ ପାରିନାହିଁ [୨୩]। ଅନୁପାଳନର ପ୍ରତିଶ୍ରୁତି ଦେବା ସକାଶେ ଯେଉଁଯେଉଁ ପ୍ରସଙ୍ଗଗୁଡ଼ିକର ପୁନଃ ସମୀକ୍ଷା କରାଯିବା ଆବଶ୍ୟକ, ସେଗୁଡ଼ିକ ହେଲା –

(୧) ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଏବଂ ଜୀବିକା ପୁନର୍ବାହାଲ କାର୍ଯ୍ୟକଳାପର ଯଥେଷ୍ଟତା ନିରୂପଣ। ଉଦାହରଣ ସ୍ୱରୂପ ମୁଦ୍ରାସ୍ଫୀତିର ପ୍ରଭାବ ଏବଂ ଭୂମି ହରାଇଥିବା ପରିବାରଗୁଡ଼ିକ ପାଇଁ ଜୀବିକା ପୁନର୍ବାହାଲ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଏହାକୁ ଯଥେଷ୍ଟ ନୁହେଁ ବୋଲି ବିଚାର କରାଯାଉଛି ।

(୨) ଜୀବିକା ପୁନର୍ବାହାଲ ବିକଳ୍ପଗୁଡ଼ିକ କ୍ଷେତ୍ରରେ ଅଭିଯୋଗକାରୀମାନଙ୍କ ସହ ବିଚାର ବିମର୍ଶର ଯଥେଷ୍ଟତା।

(୩) ପ୍ରକଳ୍ପର ପ୍ରଭାବକ୍ଷେତ୍ରରେ ବସବାସ କରୁଥିବା ଅନୁସୂଚୀତ ଜନଜାତିମାନେ ଆଦିମ ଅଧିବାସୀ ବୋଲି ବିଚାର କରାଯିବାର ପ୍ରଣାଳୀ, ଯଦ୍ୱାରା ଏହି ଅଧିବାସୀମାନେ ପି.ଏସ୍.୭ ଅଧୀନରେ ଅନ୍ତର୍ଭୁକ୍ତ ହେଲେ ନାହିଁ ।

(୪) ପ୍ରକଳ୍ପ ଯୋଗୁଁ ଗ୍ରାମଗୋଷ୍ଠୀଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିବାକୁ ଥିବା ପ୍ରଭାବର ଆକଳନ ଏବଂ ସେ ସଂପର୍କିତ ପ୍ରତିକାରମୂଳକ ପଦକ୍ଷେପମାନ ।

---

[୨୩] ଆଇ.ଏଫ୍.ସି. ଦ୍ୱାରା କମଳାଙ୍ଗ ପ୍ରକଳ୍ପର ଅଧିକ୍ଷଣ ସଂକ୍ରାନ୍ତରେ ସି.ଏ.ଓ.ର ମତାମତର ପରିଶିଷ୍ଟ ଦେଖନ୍ତୁ।

(୫) ଆଇ.ଏଫ୍.ସି.ର ବାୟୁର ମାନ ସଂପର୍କିତ ମାନଦଣ୍ଡ ଅନୁଯାୟୀ ପ୍ରକଳ୍ପ କେତେଦୂର ନିୟମ ପାଳନ କରୁଛି ତାହାର ଆକଳନ କରାଯିବା । ଏଥିରେ ୧୯୯୮ ମସିହାର ତାପଜ ଶକ୍ତି ମାର୍ଗଦର୍ଶିକାରେ ଥିବା ବ୍ୟବସ୍ଥାଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ, ଯାହାକି ପ୍ରଦୂଷିତ ଅଞ୍ଚଳରେ ନୂତନ ଶକ୍ତିକେନ୍ଦ୍ର ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିଛି ।

**ଉପସଂହାର :** ଅନୁସନ୍ଧାନ ରିପୋର୍ଟ ପ୍ରକାଶିତ ହେବା ପରଠାରୁ ଆଇ.ସି.ସି. ଅତିରିକ୍ତ ପହୁଞ୍ଚ ପାଇଁ ମୂଳଚାଲ କରିଛି , ଆଇ.ଏଫ୍.ସି.-ଆଇ.ଆଇ.ଏଫ୍. ଇ.ଏସ୍.ଏ.ପି.ର ଅଂଶବିଶେଷ ସ୍ୱରୂପ ଆବଶ୍ୟକ ତୃତୀୟ ପକ୍ଷ ଅଡ଼ିଟର ସମୀକ୍ଷା କରିଛି ଏବଂ ତିନୋଟି ପୋର୍ଟଫୋଲିଓ କମ୍ପାନୀକୁ ପରିଦର୍ଶନରେ ଯାଇଛି । ସାମଗ୍ରିକଭାବେ ଦେଖିଲେ, ଏହି ସ୍ତରର ଅଧୀକ୍ଷଣ ଆଇ.ଏଫ୍.ସି.କୁ ଫଣ୍ଡ୍ ପାରିବେଶିକ ଓ ସାମାଜିକ ଆବଶ୍ୟକତାକୁ କେତେଦୂର ଅନୁପାଳନ କରୁଛି ସେ କଥା ଅଧୀକ୍ଷଣ କରିବାର ଏକ ଆଧାର ଦେଇଛି । ଏହା ସଙ୍ଗେ ସଙ୍ଗେ, ସି.ଏ.ଓ. ଏଥିପାଇଁ ଚିନ୍ତିତ ଯେ ଆଇ.ଏଫ୍.ସି. ଏହାର ଏ.ଇ.ପି.ଆର୍. ରିପୋର୍ଟର ଢ଼ାଞ୍ଚାରେ ପରିବର୍ତ୍ତନ କରିନାହିଁ । ଏହା କରିଥିଲେ ଆଇ.ଏଫ୍.ସି. ଏକଥା ସୁନିଶ୍ଚିତ କରିଥାଆନ୍ତା ଯେ ଏହା ପୋର୍ଟଫୋଲିଓ କମ୍ପାନୀଗୁଡ଼ିକର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟ ଦକ୍ଷତା ସଂପର୍କରେ ସମକାଳୀନ ସୂଚନା ପାଇପାରିବ ।

ସି.ଏ.ଓ. ଏକଥା ସ୍ୱୀକାର କରୁଛି ଯେ ଆଇ.ଏଫ୍.ସି. ସକ୍ରିୟ ଭାବରେ କମଳାଙ୍ଗ ପ୍ରକଳ୍ପର ଅଧୀକ୍ଷଣ କରିନାହିଁ, ଜି.ଆର.ଏମ୍., ଏଲ୍. ଆର.ପି. ଏବଂ ଏସ୍.ଇ.ପି.ରେ ଥିବା ଫାଙ୍କଗୁଡ଼ିକୁ ଚିହ୍ନଟ କରିନାହିଁ ଏବଂ ଚିହ୍ନଟ କରାଯାଇଥିବା ଏହି ତ୍ରୁଟିଗୁଡ଼ିକୁ ସୁଧାରିବା ସକାଶେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇନାହିଁ । ଏହା ସଙ୍ଗେ ସଙ୍ଗେ ସି.ଏ.ଓ. ଏକଥା ସ୍ୱୀକାର କରୁଛି ଯେ ଆଇ.ଏଫ୍.ସି.ର କାର୍ଯ୍ୟଦକ୍ଷତା ମାନଦଣ୍ଡର ଅନୁପାଳନ ସଂପର୍କରେ ନିର୍ଭର ପ୍ରତିଶ୍ରୁତି ଦେବା ସକାଶେ ଆହୁରି ଅଧିକ ଅଧିକ୍ଷଣର ଆବଶ୍ୟକତା ରହିଛି ।

## ପ୍ରଘଟନ

**ନିଷ୍କର୍ଷର ସାରାଂଶ**

ଆଇ.ଏଫ୍.ସି. ସେତେବେଳେ ଲାଗୁ ହେଉଥିବା ପ୍ରଘଟନ ନୀତିର ଆବଶ୍ୟକତା ମୁତାବକ ଅନୁପାଳନ କରିଛି ।

আଇ.ଏଫ୍.ସି. କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତା ମୁତାବକ ଫଣ୍ଡ୍ ସୂଚନା ପ୍ରଘଟନ କରିବା କ୍ଷେତ୍ରରେ ମାନଦଣ୍ଡର ଅନୁପାଳନ କରିଛି କି ନାହିଁ ସେକଥାର ଯଥେଷ୍ଟ ଅଧୀକ୍ଷଣ କରିନାହିଁ । ଫଣ୍ଡର ନିଜସ୍ୱ କାର୍ଯ୍ୟକଳାପ ହେଉ ଅଥବା କମଳାଙ୍ଗ ପ୍ରକଳ୍ପର କାର୍ଯ୍ୟକଳାପ, ଉଭୟ କ୍ଷେତ୍ରରେ ଏହା ହିଁ ହୋଇଛି ।

## ଆଇ.ଏଫ୍.ସି.ର ଉତ୍ତର ଏବଂ ବିଶ୍ଳେଷଣ

ଆଇ.ଆଇ.ଏଫ୍.ର ପି.ଏସ୍-୧ ପ୍ରଘଟନ ଉତ୍ତରଦାୟିତ୍ୱ ସଂକ୍ରାନ୍ତରେ ଆଇ.ଏଫ୍.ସି.ର ଅଧୀକ୍ଷଣ ସଂପର୍କରେ ସି.ଏ.ଓ.ର ନିଷ୍କର୍ଷର ଉତ୍ତରରେ ଆଇ.ଏଫ୍.ସି. ଉଲ୍ଲେଖ କରିଛି ଯେ ପ୍ରକଳ୍ପର ପାରିବେଶିକ ଏବଂ ସାମାଜିକ  କ୍ଷେତ୍ର ସଂପର୍କିତ ତଥ୍ୟ ପ୍ରଘଟ କରିବାର ଦାୟିତ୍ୱ ପ୍ରକଳ୍ପର, ଫଣ୍ଡର ନୁହେଁ ।

ଆଇ.ଏଫ୍.ସି. - ଆଇ.ଆଇ.ଏଫ୍. କାର୍ଯ୍ୟ ଯୋଜନାରେ ପ୍ରଭାବିତ ଗୋଷ୍ଠୀମାନଙ୍କୁ ସ୍ଥାନୀୟ ଭାବରେ ତଥା ସ୍ଥାନୀୟ ଭାଷାରେ 'କ' ଶ୍ରେଣୀର ପ୍ରକଳ୍ପଗୁଡ଼ିକ ସକାଶେ କରାଯାଇଥିବା ତୃତୀୟ ପକ୍ଷ ଅଡ଼ିଟ୍‌ର ତଥ୍ୟ ପ୍ରଘଟ କରିବା ପାଇଁ ଅଙ୍ଗୀକାରବଦ୍ଧତା ଅନ୍ତର୍ଭୁକ୍ତ । ଏହି ତଥ୍ୟ ପ୍ରଘଟ ବ୍ୟତୀତ, ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍ କାର୍ଯ୍ୟ ଯୋଜନା କରାଯାଇଥିବା ବିଭିନ୍ନ ଆକଳନ, କାର୍ଯ୍ୟଯୋଜନା ଏବଂ କାର୍ଯ୍ୟଯୋଜନା ରୂପାୟନ ସଂକ୍ରାନ୍ତୀୟ ସମସାମୟିକ ତାଜା ସ୍ଥିତି ସଂପର୍କରେ ତଥ୍ୟ ପ୍ରଘଟ କରିବା ପାଇଁ ଅଙ୍ଗୀକାରବଦ୍ଧ । ପୁନଶ୍ଚ, ଏସ୍.ଇ.ପି. ଆଧାରରେ ପ୍ରକଳ୍ପ ପ୍ରଭାବିତମାନଙ୍କ ସହ ଚାଲୁରହିଥିବା ତଥ୍ୟ ପ୍ରଘଟ ଏବଂ ବିଚାରବିମର୍ଶ ମଧ୍ୟ କରାଯିବ ।

ସି.ଏ.ଓ. ରିପୋର୍ଟର ଉନ୍ମୋଚନ ପରେ ଜି.କେ.ଇ.ଏଲ୍. ତାହାର ୱେବସାଇଟରେ ନିମ୍ନୋକ୍ତ ରିପୋର୍ଟମାନ କେବଳ ଇଂରାଜୀ ଭାଷାରେ ପ୍ରକାଶ କଲା, ଯଥା (କ) ଇ.ଆର.ଏମ୍.ର ପାରିବେଶିକ ତଥା ସାମାଜିକ ଆକଳନ, ଜୁଲାଇ ୨୦୧୪-କାର୍ଯ୍ୟନିର୍ବାହୀ ସାରାଂଶ  (ଖ) ଜି.ଆର୍.ଏମ୍, ଏଲ୍.ଆର୍.ପି ଏବଂ ଏସ୍.ଇ.ପିର; ମାର୍ଚ୍ଚ ୨୦୧୬ର କାର୍ଯ୍ୟନିର୍ବାହୀ ସାରାଂଶମାନ (ଗ) ସଂଶୋଧିତ / ପରିମାର୍ଜିତ ଜି.ଆର.ଏମ୍. ଏବଂ ଏସ୍.ଇ.ପି., ଅକ୍ଟୋବର ୨୦୧୬ର କାର୍ଯ୍ୟନିର୍ବାହୀ ସାରାଂଶମାନ (ଘ) କିପରି ଅଭିଯୋଗ ଦାଖଲ କରାଯାଇପାରିବ ସେ ସଂପର୍କିତ ବିସ୍ତାରିତ ପ୍ରକ୍ରିୟା (ଙ) ଇ.ଆର୍.ଏମ୍.  ପାରିବେଶିକ ତଥା ସାମାଜିକ ଅଡ଼ିଟ୍‌ମାନ, ଏପ୍ରିଲ ଏବଂ ଅକ୍ଟୋବର ୨୦୧୬ର କାର୍ଯ୍ୟନିର୍ବାହୀ ସାରାଂଶମାନ (ଚ) ତ୍ରୈମାସିକ ଏଲ୍.ଆର୍.ପି. ରୂପାୟନ ରିପୋର୍ଟମାନ (ଜୁନ୍ ୨୦୧୬-ମାର୍ଚ୍ଚ ୨୦୧୭) (ଛ) ଜାତୀୟ ପ୍ରାଧିକରଣଙ୍କ ନିକଟରେ ଦାଖଲ କରାଯାଇଥିବା ଜି.କେ.ଇ.ଏଲ୍. ଦ୍ୱାରା ପ୍ରସ୍ତୁତ ଷାଣ୍ମାସିକ ପାରିବେଶିକ ଅନୁମତି ରିପୋର୍ଟ ଏବଂ (ଜ) ପାଉଁଶ ବିନିଯୋଗ ରିପୋର୍ଟମାନ । ଜୁଲାଇ ୨୦୧୬ରେ ଇ.ଆର୍.ଏମ୍., ଜି.କେ.ଇ.ଏଲ୍. ସକାଶେ ଏକ ତଥ୍ୟ ପ୍ରଘଟ ଯାଞ୍ଚ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏଥିରେ ଇ.ଆର୍.ଏମ୍. ଦୃଢ଼ତାର ସହ ଉଲ୍ଲେଖ କଲା ଯେ ଜି.ଆର.ଏମ୍., ଏଲ୍.ଆର୍.ପି. ଏବଂ ଏସ୍.ଇ.ପି.ର କାର୍ଯ୍ୟ ନିର୍ବାହୀ ସାରାଂଶମାନ ଓଡ଼ିଆରେ ଅନୁବାଦ କରାଯାଇ ଗାଁ କମିଟୀର ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି । ଏହି ରିପୋର୍ଟରେ ନୋଟିସ୍

ବୋର୍ଡ଼ରେ ତଥ୍ୟ ପ୍ରଘଟ କରାଯାଇଥିବାର ଫଟୋ ପ୍ରକାଶ କରାଯାଇଥିଲେ ମଧ୍ୟ ଏକଥା ଅସ୍ପଷ୍ଟ ଯେ ତଥ୍ୟ ପ୍ରକାଶ ସ୍ଥାନୀୟ ଭାଷାରେ କରାଯାଇଥିଲା, ଏହା ପ୍ରଭାବିତ ଗୋଷ୍ଠୀମାନଙ୍କ ପହୁଞ୍ଚରେ ଥିଲା ଏବଂ ଏକ ଗ୍ରହଣଯୋଗ୍ୟ ସମୟସୀମା ସକାଶେ ତଥ୍ୟଗୁଡ଼ିକୁ ଉପଲବ୍ଧ କରାଯାଇଥିଲା । ଏକଥା ସ୍ୱାଭାବିକ ଯେ ଏହିସବୁ ଦଲିଲର ପ୍ରକାଶ ପରେ ଆଇ.ଏଫ୍.ସି.ର ଅଧିକ୍ଷଣ ଦଲିଲରେ ଏକଥା ଉଲ୍ଲେଖ କରାଗଲା ଯେ ଗ୍ରାମଗୋଷ୍ଠୀମାନଙ୍କ ତରଫରୁ କୌଣସି ପ୍ରଶ୍ନ ଆସିନାହିଁ ।

**ଉପସଂହାର:** ଫଣ୍ଡ୍ ସ୍ତରରେ ସି.ଏ.ଓ. ଏକଥା ଜାଣିବାକୁ ପାଇଛି ଯେ ଆଇ.ଏଫ୍.ସି. ନିଜପାଇଁ ଏକଥା ସୁନିଶ୍ଚିତ କରାଇ ପାରିନାହିଁ ଯେ ଫଣ୍ଡ୍ ଏପରି ଏକ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା ପ୍ରତିଷ୍ଠା କରିପାରିଛି ଯାହା ସଂପର୍କରେ ପ୍ରକଳ୍ପଦ୍ୱାରା ପ୍ରଭାବିତ ହେବାକୁ ଥିବା ଗୋଷ୍ଠୀମାନେ ଅବଗତ ଅଛନ୍ତି । ପି.ଏସ୍.୧ ଅନୁଯାୟୀ ଏହା ଏକ ଆବଶ୍ୟକତା । ଆଇ.ଏଫ୍.ସି.ର ଉତ୍ତର କିମ୍ବା କାର୍ଯ୍ୟକଳାପ ଏହି ନିଷ୍ପତ୍ତି ସଂପର୍କରେ କୌଣସି ଉତ୍ତର ଦେଇନାହିଁ ।

ପ୍ରକଳ୍ପ ସ୍ତରରେ ସି.ଏ.ଓ. ଏକଥା ଜାଣିବାକୁ ପାଇଛି ଯେ ଆଇ.ଏଫ୍.ସି. ଫଣ୍ଡର ପ୍ରକଳ୍ପ ସ୍ତରୀୟ ତଥ୍ୟ ପ୍ରକାଶ ଆବଶ୍ୟକତାର କାର୍ଯ୍ୟକାରିତା ସଂପର୍କରେ ଯଥେଷ୍ଟ ଅଧୀକ୍ଷଣ କରିନାହିଁ । ଅନୁସନ୍ଧାନ ରିପୋର୍ଟର ଉନ୍ମୋଚନ ପରଠାରୁ ଜି.କେ.ଇ.ଏଲ୍. ତାହାର ୱେବସାଇଟ୍‌ରେ ଏକାଧିକ ରିପୋର୍ଟମାନ ଇଂରାଜୀ ଭାଷାରେ ପ୍ରକାଶ କରିଛି । ଇ.ଆର୍.ଏମ୍. ଏକଥା ସୁନିଶ୍ଚିତ ବୋଲି କହିଛି ଯେ ଜି.ଆର୍.ଏମ୍.,ଏଲ୍. ଆର୍.ପି.ଏବଂ ଏସ୍.ଇ.ପି. ସ୍ଥାନୀୟ ଭାଷାରେ ଅନୁଦିତ ହୋଇଛି ଏବଂ ଗାଁ କମିଟିର ମୁଖ୍ୟମାନଙ୍କୁ ଦିଆଯାଇଛି । ଉପଲବ୍ଧ ପ୍ରକଳ୍ପ ଦଲିଲଗୁଡ଼ିକ ଏକଥା ସୂଚୀତ କରୁନାହିଁ ଯେ ପୂର୍ବର ଆକଳନଗୁଡ଼ିକ (ଯଥା ଜୁଲାଇ ୨୦୧୪ର ଇ.ଆର୍.ଏମ୍. ରିପୋର୍ଟ ଏବଂ ଆଇ.ଆଇ.ଏଫ୍-ଜି.କେ.ଇ.ଏଲ୍. କାର୍ଯ୍ୟଯୋଜନା) ସ୍ଥାନୀୟ ଭାଷାରେ ପ୍ରକାଶିତ ହୋଇଛି । ପ୍ରକଳ୍ପ ସଂପର୍କିତ ସୂଚନା ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀମାନଙ୍କ ନିକଟରେ ସେମାନଙ୍କର ପହୁଞ୍ଚିଥିବା ମାଧ୍ୟମଦ୍ୱାରା ପ୍ରକାଶ କରାଯାଇଛି କି ନାହିଁ ଏବଂ ପ୍ରକାଶିତ ରିପୋର୍ଟଗୁଡ଼ିକ ସଂପର୍କରେ ଗ୍ରାମଗୋଷ୍ଠୀମାନଙ୍କ ଦ୍ୱାରା ଜିଜ୍ଞାସା ପ୍ରକାଶ କରାଯ ନଯିବା ସଂପର୍କରେ ଆଇ.ଏଫ୍.ସି.ର ମତାମତ ସଂପର୍କରେ ଇ.ଆର.ଏମ୍.ର ପ୍ରଘଟନ ଯାଞ୍ଚ ରିପୋର୍ଟ କୌଣସି ସ୍ପଷ୍ଟ ପ୍ରମାଣ ଦେଇନାହିଁ । ପୁନଶ୍ଚଃ ଏକଥା ଅସ୍ପଷ୍ଟ ଯେ ଜି.ଆର୍.ଏମ୍., ଏଲ୍.ଆର୍.ପି. ଓ ଏସ୍.ଇ.ପି.ର ସମକାଳୀନ ତାଜା ସଂସ୍କରଣ, ଏହି ଯୋଜନାଗୁଡ଼ିକର ରୂପାୟନ ସଂକ୍ରାନ୍ତୀୟ ସାମୟିକ ରିପୋର୍ଟମାନ ତଥା ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. କାର୍ଯ୍ୟଯୋଜନାଗୁଡ଼ିକୁ ଗ୍ରାମଗୋଷ୍ଠୀମାନଙ୍କ ସହ ସେମାନଙ୍କର ପହୁଞ୍ଚିଥିବା ପ୍ରକାରେ କରାଯାଇଛି କି ନାହିଁ ।

# ଉପସଂହାର

୨୦୦୮ ମସିହାରେ ଫଣ୍ଡ୍ ସ୍ଥାପନ କରାଯାଇଥିଲା । ଏହାର ଜୀବନକାଳ ଥିଲା ୧୨ ବର୍ଷର । ଏହା ଏପରି ବୃହତ୍ତ ଭିତ୍ତିଭୂମି ପ୍ରକଳ୍ପଗଉଡ଼ିକରେ ପୁଞ୍ଜିନିବେଶ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁଗୁଡ଼ିକର ପ୍ରକାର ଏବଂ ଆକାର ଏପରି ଯେ ଆଇ.ଏଫ୍.ସି.ର ବିଚାରରେ ସେଗୁଡ଼ିକର ସ୍ଥାନୀୟ ଗ୍ରାମଗୋଷ୍ଠୀମାନଙ୍କ ଉପରେ ଯଥେଷ୍ଟ ପାରିବେଶିକ ଏବଂ ସାମାଜିକ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । ସି.ଏ.ଓ.ର ଅନୁସନ୍ଧାନ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ମତେ ୨୦୧୨ ମସିହାରୁ ଆଇ.ଏଫ୍.ସି. ଅପରିବର୍ତ୍ତନୀୟ ଭାବେ ଫଣ୍ଡର ପାରିବେଶିକ ଏବଂ ସାମାଜିକ ପ୍ରଦର୍ଶନ/କାର୍ଯ୍ୟ ଦକ୍ଷତାକୁ ସନ୍ତୋଷଜନକ ନୁହେଁ ବୋଲି ବିଚାର କରି ଆସିଛି । ଏହା ଆଇ.ଏଫ୍.ସି.ର ଏପରି ଦୃଷ୍ଟିଭଙ୍ଗୀକୁ ସୂଚାଉଛି ଯେ ଫଣ୍ଡ୍ ବସ୍ତୁତଃ ଆଇ.ଏଫ୍.ସି.ର ପାରିବେଶିକ ଏବଂ ସାମାଜିକ ଆବଶ୍ୟକତାର ଅନୁପାଳନ କରୁନାହିଁ ବୋଲି ।

ସି.ଏ.ଓ.ର ଅନୁସନ୍ଧାନ ଏବଂ ତା' ପରବର୍ତ୍ତୀ ଅଧୀକ୍ଷଣର ଜବାବରେ, ଆଇ.ଏଫ୍.ସି. ସକ୍ରିୟ ଭାବରେ ଫଣ୍ଡର ଆଇ.ଏଫ୍.ସି.-ଆଇ.ଆଇ.ଏଫ୍. ଇ.ଏସ୍.ଏ.ପି.ର ରୂପାୟନର ଯାଞ୍ଚ କରିଛି । ଏହା ଏକ ଖୁସିର କଥା ଯେ କାର୍ଯ୍ୟଦକ୍ଷତା ମାନଦଣ୍ଡର ରୂପାୟନକୁ ଯାଞ୍ଚ କରିବା ସକାଶେ ଅତିରିକ୍ତ ଅଧୀକ୍ଷଣ କରିବାର ଅଧିକାର ପାଇଁ ରାଜି କରାଇବା ସଙ୍ଗେ ସଙ୍ଗେ ତିନୋଟି କମ୍ପାନୀର କ୍ଷେତ୍ର ପରିଦର୍ଶନ କରିଛି। ଆଇ.ଏଫ୍.ସି. ଦ୍ୱାରା ଫଣ୍ଡର ସକ୍ରିୟ ଅଧୀକ୍ଷଣ ଏବଂ ୨୦୧୨ ମସିହାରୁ ଫଣ୍ଡର ପାରିବେଶିକ ଏବଂ ସାମାଜିକ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନୁହେଁ ବୋଲି ଆଇ.ଏଫ୍.ସି.ର ମତକୁ ବିଚାର କରି ସି.ଏ.ଓ. ଏଥିପାଇଁ ଚିନ୍ତିତ ଯେ ଆଇ.ଏଫ୍.ସି.ର ବିନିଯୋଗଗୁଡ଼ିକ ଯେ ପାରିବେଶିକ ତଥା ସାମାଜିକ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି, କିନ୍ତୁ ସେଗୁଡ଼ିକୁ ଏଯାବତ ସମାଧାନ କରାଯାଇ ପାରିନାହିଁ ।

କମଲାଙ୍ଗ ପ୍ରକଳ୍ପକୁ ସହଯୋଗ କରିବା ସକାଶେ ଜାନୁଆରୀ ୨୦୦୯ ମସିହାରେ ଆଇ.ଏଫ୍.ସି. ଫଣ୍ଡରେ ପ୍ରଥମ ପୁଞ୍ଜି ନିବେଶ କରିଥିଲା ଏବଂ ସି.ଏ.ଓ. ନିକଟରେ ଅଭିଯୋଗ ଏପ୍ରିଲ୍ ୨୦୧୧ରେ ଦାଖରେ କରାଯାଇଥିଲା । 'କ' ଶ୍ରେଣୀର ପୁଞ୍ଜି ନିବେଶ ହୋଇଥିବାରୁ କମଲାଙ୍ଗ ପ୍ରକଳ୍ପର ଯଥେଷ୍ଟ ପାରିବେଶିକ ଏବଂ ସାମାଜିକ ଝୁଙ୍କି ଏବଂ ପ୍ରଭାବ ରହିଛି ବୋଲି ସ୍ୱୀକାର କରାଯାଏ । ସି.ଏ.ଓ.ର ଅନୁସନ୍ଧାନର ଉତ୍ତରରେ ପ୍ରକଳ୍ପ ସ୍ତରରେ ଅନୁପାଳନ କ୍ଷେତ୍ରରେ ରହିଥିବା ଅଭାବଗୁଡ଼ିକର ଆକଳନ ଓ ସମାଧାନ ସକାଶେ ଆଇ.ଏଫ୍.ସି. ଏକ ଚିଠା ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. ଇ.ଏସ୍.ଏ.ପି. ପ୍ରକାଶିତ କରିଥିଲା । ଏହି କାର୍ଯ୍ୟ ଯୋଜନା ଯୋଗୁଁ ପ୍ରକଳ୍ପର ପ୍ରଭାବର ସମାଧାନ କରିବା ସକାଶେ ଅତିରିକ୍ତ ଆକଳନ ଏବଂ ଯୋଜନାର ବିକାଶ ଘଟାଯାଇଛି, ତଥାପି ଆଇ.ଏଫ୍.ସି. ଦ୍ୱାରା ଆହୁରି ଅଧିକ ଅଧୀକ୍ଷଣର ଆବଶ୍ୟକତା ରହିଛି ଯଦ୍ୱାରା ସି.ଏ.ଓ.ର ଅନୁସନ୍ଧାନ ରିପୋର୍ଟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ପ୍ରସଙ୍ଗ

ପ୍ରକଳ୍ପ ସ୍ତରରେ ଠିକ୍ ଭାବରେ ଅନୁପାଳନ କରାଯାଉଛି ବୋଲି ଏହା ନିଶ୍ଚିନ୍ତ ହୋଇ ପାରିବ । ବିଶେଷ କରି ଏଥିରେ (କ) ଭୂମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକ ସକାଶେ ଜୀବିକା ପୁନର୍ବାହାଲ ସଂପର୍କିତ ପଦକ୍ଷେପଗୁଡ଼ିକ (ଖ) ଜୀବିକା ପୁନର୍ବାହାଲ ଯୋଜନା ସଂପର୍କରେ ବିଚାର ବିମର୍ଶ (ଗ) ସ୍ଥାନୀୟ ଭାଷାରେ ପ୍ରକଳ୍ପର ପାରିବେଶିକ ଓ ସାମାଜିକ ଦଲିଲ୍‌ର ତଥ୍ୟ ପ୍ରକାଶ (ଘ) ପି.ଏସ୍.-୭ର ପ୍ରୟୋଗ ସଂପର୍କରେ ନିଷ୍ପତ୍ତି ନେବା ସକାଶେ ବ୍ୟବହୃତ ଉପାୟ / ପ୍ରକ୍ରିୟା (ଙ) ଗୋଷ୍ଠୀମାନଙ୍କର ସ୍ୱାସ୍ଥ୍ୟ ପ୍ରଭାବ ଆକଳନ ଏବଂ ବିପଦ ଦୂରୀକରଣ ବ୍ୟବସ୍ଥା ଏବଂ (ଚ) ଆଇ.ଏଫ୍.ସି. ବାୟୁର ଗୁଣବତ୍ତା ମାନଦଣ୍ଡର ଆବଶ୍ୟକତା ମୁତାବକ ପ୍ରକଳ୍ପର ଅନୁପାଳନ ଯାଞ୍ଚ ଇତ୍ୟାଦି ଯଥେଷ୍ଟ କି ନୁହେଁ ତା' ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ସି.ଏ.ଓ. ଏହି ଅଭିଯୋଗ ଶୁଣାଣୀର ପରିସମାପ୍ତି ଘଟାଉ ନାହିଁ । ସି.ଏ.ଓ.ର ପରିଚାଳନା ସଂପର୍କିତ ମାର୍ଗଦର୍ଶିକା ଅନୁଯାୟୀ ସି.ଏ.ଓ.ର କର୍ମଚାରୀମାନେ ପ୍ରକଳ୍ପ କ୍ଷେତ୍ରରେ କ'ଣ ପ୍ରଭାବ ପଡ଼ିଲା ସେ କଥା ଯାଞ୍ଚ କରିଥାଆନ୍ତି । ତେଣୁ ପ୍ରକଳ୍ପ କ୍ଷେତ୍ରରେ ପ୍ରଭାବ ଯାଞ୍ଚ କରିବା ସକାଶେ ତଥା ଆଇ.ଏଫ୍.ସି.ର ଉତ୍ତରର ସନ୍ତୋଷଜନକ ରୂପାୟନ କରାଯାଇଛି ବୋଲି ସୁନିଶ୍ଚିତ କରିବାକୁ ସି.ଏ.ଓ. ପରବର୍ତ୍ତୀ ଯାଞ୍ଚ ରିପୋର୍ଟ ଜାରି କରିବା ପୂର୍ବରୁ ଫଣ୍ଡ୍ ଏବଂ ପ୍ରକଳ୍ପ କ୍ଷେତ୍ର ଗସ୍ତ କରିବାକୁ ଚାହୁଁଛି । ତେବେ ଭାରତ ସରକାର ଏପରି ଏକ ଗସ୍ତକୁ ଅନୁମୋଦନ କରିବା ଆବଶ୍ୟକ ।

**ପରିଶିଷ୍ଟ କ : ଆଇ.ଏଫ୍.ସି. ଦ୍ୱାରା କମଲାଙ୍ଗ ପ୍ରକଳ୍ପର ଅଧୀକ୍ଷଣ ସଂପର୍କରେ ସି.ଏ.ଓ ଙ୍କ ମତ**

| ଆଇ.ଏଫ୍.ସି.ର ଆବଶ୍ୟକତା | ଆଇ.ଏଫ୍.ସି.ର ଉତ୍ତର ଏବଂ ଅଧୀକ୍ଷଣ | ସି.ଏ.ଓ.ଙ୍କର ମତ |
|---|---|---|
| **ପି.ଏସ୍.୧ : ବିଚାର ବିମର୍ଶ ଏବଂ ଘୋଷଣା:** ମହକିଲ (ସାମାଜିକ ଏବଂ ପାରିବେଶିକ) ଆକଳନକୁ ସାର୍ବଜନୀନ କରିବେ ... ମହକିଲ (ପ୍ରକଳ୍ପ ପ୍ରଭାବିତ) ଗୋଷ୍ଠୀମାନଙ୍କୁ ସୂଚନା ପାଇବାର ସୁବିଧା ଯୋଗାଇ ଦେବେ ... ସାମାଜିକ ଏବଂ ପାରିବେଶିକ ଆକଳନ ପ୍ରକ୍ରିୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ତଥା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ହେଉଥିବା କୌଣସି ଏକ ଉତ୍ସବରେ ତଥ୍ୟ ସାର୍ବଜନୀନ କରାଯିବା ଆବଶ୍ୟକ ... (ପି.ଏସ୍.୧, ଅନୁଚ୍ଛେଦ ୨୦) .... ଏହି ବିଚାର ବିମର୍ଶ ପ୍ରକ୍ରିୟା ଏକଥା ସୁନିଶ୍ଚିତ କରିବା ଆବଶ୍ୟକ ଯେ ଏହା ଅବାଧ, ତଥା ପୂର୍ବରୁ ସୂଚନା ଦିଆଯାଇ | **ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. କାର୍ଯ୍ୟଯୋଜନା**<br>• ପ୍ରଭାବିତ ଗୋଷ୍ଠୀଗୁଡ଼ିକ ନିକଟରେ ଅଡ଼ିଟ୍, ଆକଳନ, କାର୍ଯ୍ୟଯୋଜନା ଏବଂ କାର୍ଯ୍ୟ ଯୋଜନାର ରୂପାୟନର ସ୍ଥିତି ସଂପର୍କରେ ସମସାମୟିକ ତାଜା ସୂଚନା ସାର୍ବଜନୀନ କରିବେ ।<br>• ଜୁଲାଇ ୨୦୧୪ରେ ଇ.ଆର୍.ଏମ୍. ଅଡ଼ିଟର ନିଷ୍କର୍ଷ ଏବ କାର୍ଯ୍ୟ ଯୋଜନା ସଂପର୍କରେ ଜଣାଇବା ।<br>• ଦଲିଲଗୁଡ଼ିକୁ ସ୍ଥାନୀୟ ଭାଷାରେ ତଥା ତୃତୀୟ ପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଇବା ।<br>• ତୃତୀୟ ପକ୍ଷ ତଥ୍ୟ ସାର୍ବଜନୀନ କରାଯିବା ତଥା ବିଚାର ବିମର୍ଶର ଯାଞ୍ଚ କରିବେ ।<br>• ଏସ୍.ଇ.ପି. ଅନୁଯାୟୀ ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀମାନଙ୍କ ସହ | ପି.ଏସ୍.୧ର ଅନୁପାଳନ ଠିକ୍ ଭାବରେ କରାଯିବାର ପ୍ରତ୍ୟୟ ସୃଷ୍ଟି କରିବା ସକାଶେ ଆଇ.ଏଫ୍.ସି. ଦ୍ୱାରା ଆହୁରି ଅଧିକ ଅଧୀକ୍ଷଣ କରାଯିବା ଆବଶ୍ୟକ ।<br><br>**ବିଶେଷତଃ:**<br>ଉପଲବ୍ଧ ପ୍ରକଳ୍ପ ଦଲିଲଗୁଡ଼ିକରେ ଏକଥା ସୂଚାଇ ଦିଆନାହିଁ ଯେ ଜୁଲାଇ ୨୦୧୪ର ଇ.ଆର୍.ଏମ୍. ବିବରଣୀ, ଆଇ.ଆଇ.ଏଫ୍. - ଜି.କେ.ଇ.ଏଲ୍. କାର୍ଯ୍ୟ ଯୋଜନା ଏବଂ ସମୟାନୁକ୍ରମେ ପ୍ରସ୍ତୁତ ବିଭିନ୍ନ ତାଜା ରିପୋର୍ଟମାନ ସ୍ଥାନୀୟ ଭାଷାରେ ପ୍ରକାଶିତ ହୋଇଛି |

| | | |
|---|---|---|
| କରାଯିବ ତଥା ସେମାନେ (ପ୍ରକଳ୍ପ ପ୍ରଭାବିତ ଗୋଷ୍ଠୀ ସମୂହ) ଯେପରି ଭଲମନ୍ଦ ଜାଣି ଏଥିରେ ଅଂଶଗ୍ରହଣ କରିବେ ସେ ଦିଗରେ ସହଯୋଗ କରିବେ (ପି.ଏସ୍.-୧, ଅନୁଚ୍ଛେଦ-୨୨) | ସମକାଳୀନ ଭାବେ ତଥ୍ୟ ସାର୍ବଜନୀନ କରିବା ତଥା ବିଚାର ବିମର୍ଶ କରାଯିବ ।<br>**ଜି.କେ.ଇ.ଏଲ୍.ର ବିବରଣୀ**<br>ଜି.କେ.ଇ.ଏଲ୍. ଏହାର ୱେବସାଇଟ୍‌ରେ ଇଂରାଜୀ ଭାଷାରେ (କ) ଇ.ଆର.ଏମ୍.ର ପାରିବେଶିକ ଏବଂ ସାମାଜିକ ଆକଳନ, ଜୁଲାଇ ୨୦୧୪ର କାର୍ଯ୍ୟନିର୍ବାହୀ ସାରାଂଶ (ଖ) ମାର୍ଚ୍ଚ ୨୦୧୬ର ଜି.ଆର.ଏମ୍., ଏଲ.ଆର.ପି., ଏବଂ ଏସ୍.ଇ.ପି.ର କାର୍ଯ୍ୟନିର୍ବାହୀ ସାରାଂଶ (ଗ) ସଂଶୋଧିତ ଜି.ଆର୍.ଏମ୍.ଏବଂ ଏସ୍.ଇ.ପି.ର ଅକ୍ଟୋବର, ୨୦୧୬ର ସାରାଂଶମାନ (ଘ) କିପରି ଭାବରେ ଅଭିଯୋଗ ଦାଖଲ କରାଯାଇ ପାରିବ ସେ ସଂପର୍କରେ ସବିଶେଷ ସୂଚନା (ଙ)ଏପ୍ରିଲ ୨୦୧୬ ଓ ଅକ୍ଟୋବର ୨୦୧୬ର ଇ.ଆର୍.ଏମ୍. ପାରିବେଶିକ ଏବଂ ସାମାଜିକ ଅଡ଼ିଟର କାର୍ଯ୍ୟନିର୍ବାହୀ ସାରାଂଶମାନ (ଚ) ଜୀବିକା ପୁନର୍ବାହାଲ ସଂକ୍ରାନ୍ତୀୟ ତ୍ରୈମାସିକ ବିବରଣୀମାନ | ତଥା ସ୍ଥାନୀୟ ପ୍ରଭାବିତ ଗ୍ରାମଗୋଷ୍ଠୀଗୁଡ଼ିକୁ ସେଗୁଡ଼ିକ ଉପଲବ୍ଧ କରାଯାଇଛି ।<br>ଇ.ଆର.ଏମ୍. ଦ୍ୱାରା ତଥ୍ୟ ସାର୍ବଜନୀନ କରିବା ସଂପର୍କିତ ଯାଞ୍ଚ ରିପୋର୍ଟରେ ପ୍ରକଳ୍ପ ସଂପର୍କିତ ତଥ୍ୟକୁ ପ୍ରଭାବିତ ଗୋଷ୍ଠୀଗୁଡ଼ିକର ପହଞ୍ଚୁଥିବା ମାଧ୍ୟମ ଦ୍ୱାରା ବିତରଣ କରାଯାଇଛି କି ନାହିଁ, ସେ ସଂପର୍କରେ କୌଣସି ସ୍ପଷ୍ଟ ପ୍ରମାଣ ଦିଆଯାଇନାହିଁ । |

| | | |
|---|---|---|
| | ୯ଜୁନ୍ ୨୦୧୬ ରୁ ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତର (ଛ) ଜାତୀୟ ପ୍ରାଧିକରଣଙ୍କ ନିକଟରେ ଦାଖଲ କରାଯାଇଥିବା ଷାଣ୍ମାଷିକ ବିବରଣୀ ଏବଂ (ଜ) ପାଉଁଶ ବ୍ୟବହାର ସଂପର୍କିତ ବିବରଣୀ<br><br>ଜି.କେ.ଇ.ଏଲ୍. ସକାଶେ ଇ.ଆର.ଏମ୍. ଦ୍ୱାରା ପ୍ରସ୍ତୁତ 'ସ୍ଥାନୀୟ ଭାବେ ତଥ୍ୟ ସାର୍ବଜନୀନ କରିବା' ସଂପର୍କିତ ଜୁଲାଇ ୨୦୧୬ର ରିପୋର୍ଟ।<br>**<u>ଆଇ.ଏଫ୍.ସି.ର ଅଧୀକ୍ଷଣ</u>**<br>ଆଇ.ଏଫ୍.ସି. ଅନୁଧ୍ୟାନ କରି ଜାଣିଛି ଯେ କମ୍ପାନୀ ପ୍ରକାଶିତ ବିବରଣୀ ଗୁଡ଼ିକ ସଂପର୍କରେ ଗ୍ରାମଗୋଷ୍ଠୀର ସଦସ୍ୟମାନଙ୍କଠାରୁ କୌଣସି ଅନୁସନ୍ଧାନ / ପ୍ରଶ୍ନର ସମ୍ମୁଖୀନ ହୋଇନାହିଁ । ଆଇ.ଏଫ୍.ସି. ମତ ପୋଷଣ କରିଛି ଯେ ପ୍ରଭାବିତ ଗ୍ରାମଗୁଡ଼ିକରେ ଆନୁଷ୍ଠାନିକଭାବେ ଗୋଷ୍ଠୀସ୍ତରୀୟ ବୈଠକମାନ କରିବା, ପ୍ରତ୍ୟେକ ସପ୍ତାହରେ ଥରେ ଲେଖାଏଁ ଅଭିଯୋଗ ବାକ୍ସମାନ ଖୋଲିବା ଏବଂ | |

| | | |
|---|---|---|
| | ଅଭିଯୋଗଗୁଡ଼ିକୁ ଶୁଣି ସେଗୁଡ଼ିକୁ ପଞ୍ଜିକୃତ କରିବା ସଙ୍ଗେ ସଙ୍ଗେ ଅଭିଯୋଗକାରୀ/କାରିଣୀଙ୍କୁ ପ୍ରାପ୍ତିସ୍ୱୀକାର ଦେବା ଇତ୍ୟାଦି ଦ୍ୱାରା ଜି.ଆର.ଏମ୍. ଏବଂ ଏସ୍.ଇ.ପି.ର ଉନ୍ନତି ବିଧାନ କରାଯାଇ ପାରିବ । | |
| **ପି.ଏସ୍.୧- ପାରିବେଶିକ ଏବଂ ସାମାଜିକ ଯାଞ୍ଚର ସତ୍ୟାସତ୍ୟ ପରଖ:** ଯେଉଁ ପ୍ରକଳ୍ପଗୁଡ଼ିକର ଏପରି ଆଖି ଦୃଶିଆ ପ୍ରଭାବମାନ ରହିଛି ଯାହାକି ବିବିଧ, ଅପରିବର୍ତ୍ତନୀୟ (ପୂର୍ବାବସ୍ଥାକୁ ଫେରାଇ ହବ ନାହିଁ) କିମ୍ବା ଯାହାର ପୂର୍ବ ଦୃଷ୍ଟାନ୍ତ ନଥିବି; ସେ କ୍ଷେତ୍ରରେ ମହକିଲ ଯାଞ୍ଚ ତଥ୍ୟର ସତ୍ୟାସତ୍ୟ ପରଖିବା ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ବାହ୍ୟ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବେ । ଯାଞ୍ଚର ବ୍ୟାପକତା, ପ୍ରକଳ୍ପର ବିପଦ (ଝୁଙ୍କି), ପ୍ରଭାବ ଏବଂ ଅନୁପାଳନର ଆବଶ୍ୟକତା ସହ ଖାପ ଖାଇବା ପରି ହେବା | **ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ କାର୍ଯ୍ୟଯୋଜନା**<br>• ଅକ୍ଟୋବର ୨୦୧୬ ସୁଦ୍ଧା ଇ.ଆର.ଏମ୍.କାର୍ଯ୍ୟଯୋଜନାର ସଂପୂର୍ଣ୍ଣ ରୂପାୟନ । ଇ.ଆର.ଏମ୍. ଏହି ରୂପାୟନର ସତ୍ୟାସତ୍ୟ ପରଖ କରିବ ।<br>• ସ୍ୱାଧୀନ ଅଡ଼ିଟ୍ ଏକଥା ସୁନିଶ୍ଚିତ କରିବ ଯେ ଜି.ଆର.ଏମ୍., ଏଲ୍.ଆର.ପି. ଏବଂ ଏସ୍.ଇ.ପି. ପୂର୍ଣ୍ଣତଃ କାର୍ଯ୍ୟକାରୀ କରାଯାଇଛି । | ୨୦୧୬ର ଏପ୍ରିଲ ଏବଂ ଅକ୍ଟୋବର ମାସରେ ଜି.କେ.ଇ.ଏଲ୍, ଏହାଦ୍ୱାରା ଇ.ଆର.ଏମ୍. କାର୍ଯ୍ୟ ଯୋଜନାର ରୂପାୟନ ସଂପର୍କରେ ଏକ ଇ.ଆର.ଏମ୍. ଅଡ଼ିଟ୍ ରିପୋର୍ଟ ପ୍ରକାଶ କଲା । ଜି.ଆର.ଏମ୍., ଏଲ୍.ଆର.ପି. ଏବଂ ଏସ୍.ଇ.ପି.ର ପୂର୍ଣ୍ଣ ରୂପାୟନ ଏବେ ମଧ୍ୟ ବାକି ଅଛି ବୋଲି ସ୍ୱାଧୀନ ଅଡ଼ିଟ୍ ଦର୍ଶାଇଲା । |

| | | |
|---|---|---|
| ଆବଶ୍ୟକ । | | |

| | | |
|---|---|---|
| **ପି.ଏସ୍.୩-ପ୍ରଦୂଷଣ ନିୟନ୍ତ୍ରଣ - ବୈଷୟିକ ବିଚାର** ପ୍ରକଳ୍ପ ସକାଶେ ପ୍ରଦୂଷଣ ନିରାକରଣ ଏବଂ ନିୟନ୍ତ୍ରଣ ସକାଶେ ପ୍ରଯୁକ୍ତିବିଦ୍ୟା ବାଛିବା ବେଳେ ମହଜିଲ ଇ.ଏଚ୍.ଏସ୍. ମାର୍ଗଦର୍ଶିକାର ସାଂପ୍ରତିକ ସଂସ୍କରଣକୁ ବିଚାରକୁ ନେବେ । ଏହି ମାର୍ଗଦର୍ଶିକା ଗୁଡ଼ିକରେ କାର୍ଯ୍ୟଦକ୍ଷତାର ସ୍ତର ଏବଂ ପଦକ୍ଷେପ ସଂପର୍କରେ ଉଲ୍ଲେଖ ରହିଛି ଯାହାକି ସାଧାରଣ ଭାବେ ଗ୍ରହଣୀୟ ଏବଂ ପ୍ରକଳ୍ପରେ ପ୍ରୟୋଗ କରାଯାଇ ପାରିବ । ଯେଉଁ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଦେଶର ନୀତି ନିୟମ ଇ.ଏଚ.ଏସ୍. ମାର୍ଗଦର୍ଶିକାର ସ୍ତର ଓ ପଦକ୍ଷେପଠାରୁ ଭିନ୍ନ ହୋଇଥିବ ସେପରି କ୍ଷେତ୍ରରେ ମହଜିଲ | **ଆଇ.ଏଫ୍.ସି.ର ଉତ୍ତର** ଆଇ.ଏଫ୍.ସି. ନିଶ୍ଚିତାର ସହ ଏକଥା ଉଲ୍ଲେଖ କରିଛି ଯେ କେବଳ ଚିମିନିରୁ ନିର୍ଗତ ଧୂଆଁ କ୍ଷେତ୍ରରେ ହିଁ ୧୯୮୮ ମସିହାର ଇ.ଏଚ୍.ଏସ୍.ର ମାର୍ଗଦର୍ଶିକା ଉପରେ ଭରସା କରାଯାଇଛି । ଆଖପାଖ ଅଞ୍ଚଳର ବାୟୁର ମାନ ସକାଶେ ଅଧିକ ସଦ୍ୟ ୨୦୦୭ ମସିହାର ଇ.ଏଚ୍.ଏସ୍. ମାର୍ଗଦର୍ଶିକା ଉପରେ ଭରସା କରାଯାଇଛି ଏବଂ ପାରିପାର୍ଶ୍ୱିକ ବାୟୁର ମାନ ଉପରେ ପ୍ରଭାବକୁ କମାଇବା ସକାଶେ ଜି.କେ.ଇ.ଏଲ୍. ଦ୍ୱାରା ପ୍ରସ୍ତାବିତ ପଦକ୍ଷେପଗୁଡ଼ିକ ଏହି ମାର୍ଗଦର୍ଶିକାରେ ଥିବା ବ୍ୟବସ୍ଥାଗୁଡ଼ିକର ଧାରାରେ ହିଁ ରହିଛି। **ଜି.କେ.ଇ.ଏଲ୍.ର ବିବରଣୀ** | ପି.ଏସ୍.୩ର ଅନୁପାଳନ ହେଉଛି ବୋଲି ଭରସା ଦେବା ସକାଶେ ଆଇ.ଏଫ୍.ସି. ଦ୍ୱାରା ଆହୁରି ଅଧିକ ଅଧୀକ୍ଷଣ କରାଯିବାର ଆବଶ୍ୟକତା ରହିଛି । **ବିଶେଷ କରି** ଗ୍ରାମଗୋଷ୍ଠୀ ସ୍ୱାସ୍ଥ୍ୟ ଭିତ୍ତିପତ୍ର (ସି.ବି.ଏଚ.)ରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଗ୍ରାମଗୋଷ୍ଠୀଙ୍କ ଉପରେ ପଡ଼ିବାକୁ ଥିବା ସ୍ୱାସ୍ଥ୍ୟଗତ ପ୍ରଭାବ ସଂପର୍କରେ ଆକଳନ କରାଯାଇ ନାହିଁ କି କୌଣସି ଚିହ୍ନଟ କରାଯାଇଥିବା ପ୍ରଭାବର ନିରାକରଣ ସକାଶେ ପ୍ରକଳ୍ପ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପ୍ରତିକାରମୂଳକ ପଦକ୍ଷେପ ସଂପର୍କରେ ମଧ କୁହାଯାଇନାହିଁ । ବରଂ ଗ୍ରାମଗୋଷ୍ଠୀର ସଦସ୍ୟମାନେ ଅଣସଂକ୍ରାମକ ରୋଗରେ (ଯେଥା- ହୃଦୟ ଓ ରକ୍ତପ୍ରବାହ ସଂପର୍କିତ |

| | | |
|---|---|---|
| ଯେଉଁ ମାନଦଣ୍ଡ ଅଧିକ କଡ଼ାକଡ଼ି ତାହାକୁ ହିଁ ମାନିବେ (ପି.ଏସ୍.୩, ଅନୁଚ୍ଛେଦ -୮) | ଜି.କେ.ଇ.ଏଲ୍. ନିୟମିତ ରୂପେ ପାଉଁଶ ବ୍ୟବହାର ବିବରଣୀମାନ ଏବଂ ଜାତୀୟ ଅନୁପାଳନ ସକାଶେ ଷାଡ଼ମାସିକ ବିବରଣୀ ପ୍ରକାଶ କରିଛି । ୨୦୧୮ ନଭେମ୍ବର ମାସରେ ଜି.କେ.ଇ.ଏଲ୍ ଦୃଢ଼ତାର ସହ ଏକଥା କହିଛି ଯେ ଏହା ଆନ୍ତର୍ଜାତିକ ପାରିବେଶିକ ଅନୁମତି ପାଇବା ପାଇଁ ସର୍ତ୍ତଗୁଡ଼ିକର ଅନୁପାଳନ କରୁଛି । ଜି.କେ.ଇ.ଏଲ୍. ଗୋଷ୍ଠୀ ସ୍ୱାସ୍ଥ୍ୟ ଭିତ୍ତିପତ୍ର (ବେସ୍‌ଲାଇନ୍) ସର୍ଭେର ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିଛି ଯେଉଁଥିରେ ପ୍ରକଳ୍ପାଞ୍ଚଳରେ ଲୋକମାନଙ୍କର ସ୍ୱାସ୍ଥ୍ୟ ତଥା ଜୀବନଶୈଳୀ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯାଇଛି । ଏହା ମଧ୍ୟ ଆଜି ପର୍ଯ୍ୟନ୍ତ ଜି.କେ.ଇ.ଏଲ୍.ର ଗୋଷ୍ଠୀ ସ୍ୱାସ୍ଥ୍ୟ ସଂପର୍କିତ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଦର୍ଶାଇଛି ଏବଂ ଜି.କେ. ଇ.ଏଲ୍.ର ଆଭିମୁଖ୍ୟରେ | ରୋଗ, କ୍ୟାନସର, ଲାଗିରହିଥିବା ଶ୍ୱାସକ୍ରିୟା ଜନିତ ରୋଗ ଏବଂ ଡ଼ାଇବେଟିସ୍)ରେ ଆକ୍ରାନ୍ତ ହେବାର ଆଶଂକା ଥିବା ବେଳେ ଏହି ପରାମର୍ଶ ଦିଆଯାଇଥିଲା ଯେ ଜୀବନଶୈଳୀ ପରିଚାଳନା ଯଥା ସ୍ୱାସ୍ଥ୍ୟପ୍ରଦ ସନ୍ତୁଳିତ ଆହାର ଏବଂ ଯେଗ ତଥା ବ୍ୟାୟାମ ଦ୍ୱାରା ଏଗୁଡ଼ିକର ପ୍ରତିକାର କରାଯାଇ ପାରିବ ।<br><br>ଅନୁସନ୍ଧାନ ରିପୋର୍ଟ ପ୍ରକାଶିତ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ଆଇ.ଏଫ୍.ସି.ର ଅଧୀକ୍ଷଣ ବ୍ୟବସ୍ଥା କମଲାଙ୍ଗ ପ୍ରକଳ୍ପର ପାରିବେଶିକ କାର୍ଯ୍ୟଦକ୍ଷତା ସଂପର୍କରେ ମନ୍ତବ୍ୟ ଦେଇ ନାହିଁ କି' ଏହି ପ୍ରକଳ୍ପ ସଂପର୍କିତ ଗୋଷ୍ଠୀ ସ୍ୱାସ୍ଥ୍ୟ ଉପରେ ପଡ଼ିବାକୁ ଥିବା ପ୍ରଭାବ ସଂପର୍କରେ ଏହା କରିଥିବା ଆକଳନ ସଂପର୍କରେ କିଛି ହେଲେ ଉଲ୍ଲେଖ କରିନାହିଁ । |

| | | |
|---|---|---|
| | ଉନ୍ନତି ଆଣିବା ସକାଶେ ପରାମର୍ଶ ଦେଇଛି ।<br>**ଆଇ.ଏଫ୍.ସି. ଅଧିକ୍ଷଣ**<br>ଆଇ.ଏଫ୍.ସି. ଫଣ୍ଡ୍‌କୁ ପରାମର୍ଶ ଦେଇଛି ଯେ କମଲାଙ୍ଗ ପ୍ରକଳ୍ପ ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବା ଆବଶ୍ୟକ ଯେଉଁଥିରେ ସେହି ଅଞ୍ଚଳରେ ଥିବା ଅନ୍ୟାନ୍ୟ ଶିଳ୍ପ ଏବଂ ଜି.କେ.ଇ.ଏଲ୍. ଦ୍ୱାରା ପ୍ରସ୍ତାବିତ ଚତୁର୍ଥ ୩୫୦ ମେଗାୱାଟ ଶକ୍ତି କେନ୍ଦ୍ରର ପ୍ରଭାବକୁ ମଧ୍ୟ ବିଚାର କରାଯାଇଥିବ । | |
| **ପି.ଏସ୍.-୫ – ଭୂମି ଅଧିଗ୍ରହଣ ଏବଂ ବାଧ୍ୟତାମୂଳକ ପୁନର୍ବାସ-** ଆର୍ଥିକ ବିସ୍ଥାପନ; ସରକାରଙ୍କ ଦ୍ୱାରା ପରିଚାଳିତ ଆର୍ଥିକ ବିସ୍ଥାପନ କ୍ଷେତ୍ରରେ, "ମହକିଲ ଏପରି ଏକ ଯୋଜନା (ଢ଼ାଞ୍ଚା) ପ୍ରସ୍ତୁତ କରିବେ ଯାହା କୌଣସି ଦାୟିତ୍ୱ ସମ୍ପନ୍ନ ସରକାରୀ ସଂସ୍ଥା | **ଆଇ.ଆଇ.ଏଫ୍.-ଜି.କେ.ଇ.ଏଲ୍. କାର୍ଯ୍ୟ ଯୋଜନା :**<br>• ମାର୍ଚ୍ଚ ୨୦୧୬ ସୁଦ୍ଧା ଜୀବିକା ପୁର୍ନବାହାଲ ଯୋଜନା (ଏଲ୍.ଆର୍.ପି.) କୁ ପୂର୍ଣ୍ଣରୂପେ ବିକଶିତ କରାଯିବ ।<br>• ସମ୍ଭାବ୍ୟ ସଂଶୋଧନ ପରେ | ପି.ଏସ୍.୫ର ଅନୁପାଳନ ହେଉଛି ବୋଲି ଭରସା ଦେବା ସକାଶେ ଆଇ.ଏଫ୍.ସି. ଦ୍ୱାରା ଆହୁରି ଅଧିକ ଅଧିକ୍ଷଣ କରାଯିବାର ଆବଶ୍ୟକତା ରହିଛି ।<br>**ବିଶେଷ କରି**<br>• ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ (ଏସ୍.ଆଇ.ଏ) |

| | | |
|---|---|---|
| ଦ୍ୱାରା ପ୍ରସ୍ତୁତ ଦଲିଲ ସହ ମିଶି ଏହି କାର୍ଯ୍ୟଦକ୍ଷତା ମାନଦଣ୍ଡ ସକାଶେ ପ୍ରଯୁଜ୍ୟ ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରୁଥିବ । ମହକିଲ ତାଙ୍କ ଯୋଜନାରେ (୧) ବିସ୍ଥାପିତ ଲୋକମାନେ ପ୍ରଚଳିତ ଆଇନ୍ ଓ ନିୟମ ଅନୁଯାୟୀ ପାଇବାକୁ ଥିବା ଅଧିକାର / ସୁବିଧାଗୁଡ଼ିକର ବର୍ଣ୍ଣନା (୨) ଏହି କାର୍ଯ୍ୟଦକ୍ଷତା ମାନଦଣ୍ଡର ଆବଶ୍ୟକତା ଏବଂ ଉପରୋକ୍ତମତେ ପାଇବାକୁ ଥିବା ହକ୍ ମଧ୍ୟରେ କୌଣସି ତାରତମ୍ୟ ଥିଲେ ଏହାକୁ କିପରି ଦୂର କରାଯିବ ସେ ସଂପର୍କିତ ପଦକ୍ଷେପ ଏବଂ (୩) ସରକାରୀ ସଂସ୍ଥା ଏବଂ/କିମ୍ବା ମହକିଲଙ୍କର ଆର୍ଥିକ ଏବଂ ରୂପାୟନ ସଂପର୍କିତ ଦାୟିତ୍ୱ ସଂପର୍କରେ ଉଲ୍ଲେଖ କରିପାରନ୍ତି । | ଡ଼ିସେମ୍ବର ୨୦୧୮ ସୁଦ୍ଧା ଏଲ୍.ଆର୍.ପି.ର ପୂର୍ଣ୍ଣ ରୂପାୟନ ।<br>**ଜି.କେ.ଇ.ଏଲ୍.ର ବିବରଣୀ :**<br>ମାର୍ଚ୍ଚ ୨୦୧୬ରେ ଜି.କେ.ଇ.ଏଲ. ଏହାର ଜୀବିକା ପୁନର୍ବାହାଲ ଯୋଜନାର କାର୍ଯ୍ୟନିର୍ବାହୀ ସାରାଂଶ ପ୍ରକାଶ କଲା । ଏହି ଦଲିଲରେ ୨୦୧୫ ମସିହାରେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କୁ ନେଇ କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ଅନୁଧ୍ୟାନର ଫଳାଫଳକୁ ସମ୍ୟକ ରୂପେ ସ୍ଥାନିତ କରାଯାଇଥିଲା । ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କର ବର୍ଗୀକରଣ ଏପରି ଭାବରେ କରାଯାଇଥିଲା ଯେ ଯେଉଁମାନେ (କ) ପୂର୍ବରୁ ଜୀବିକା ସକାଶେ ସହଯୋଗ ପାଇ ସାରିଥିଲେ (ଖ) ପରିବାରର ବାର୍ଷିକ ରୋଜଗାର ୬୦,୦୦୦ ଟଙ୍କାରୁ (୮୪୦ ଆମେରିକୀୟ | ୨୦୦୭ ମସିହାରେ କରାଯାଇଥିଲା । ୨୦୧୪ ମସିହାରେ ଯେତେବେଳେ ଇ.ଆର୍.ଏମ୍. ଅଡ଼ିଟ କରାଗଲା ସେତେବେଳକୁ ମଧ୍ୟବର୍ତ୍ତୀକାଳରେ ଅତିରିକ୍ତ ଜମି ଅଧିଗ୍ରହଣ କରାଯାଇ ସାରିଥିଲା । ଅତିରିକ୍ତ ଜମି ଅଧିଗ୍ରହଣ ପରେ ଏହି ଜମି ସକାଶେ ଅତିରିକ୍ତ ଏସ୍.ଆଇ.ଏ. ପ୍ରସ୍ତୁତ କରାଯାଇଥିବାର କୌଣସି ପ୍ରମାଣ ମିଳିଲା ନାହିଁ ।<br>• ଏକଥା ଅସ୍ପଷ୍ଟ ଯେ ପ୍ରକଳ୍ପ ଦ୍ୱାରା ମୋଟ ପ୍ରକଳ୍ପ ପ୍ରଭାବିତ ପରିବାର ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ଉପ-ଶ୍ରେଣୀ ଗୁଡ଼ିକ ସଂପର୍କରେ ଯଥେଷ୍ଟ ହିସାବ ରଖାଯାଇଛି କିମ୍ବା ସେମାନଙ୍କ ସଂପର୍କରେ ତାଜା ବିବରଣୀ ରଖାଯାଇଛି । ପୁନଶ୍ଚଃ, ଏକଥା ମଧ୍ୟ ଅସ୍ପଷ୍ଟ ଯେ ପ୍ରକଳ୍ପ ପକ୍ଷରୁ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ସଂପର୍କରେ |

| | | |
|---|---|---|
| | ଡ଼ଲାରରୁ) ଅଧିକ ଏବଂ (ଗ) ବିଶେଷାଧିକାର ପ୍ରାପ୍ତ ଏବଂ ଜୀବିକା ପୁନର୍ବାହାଲ ବିକଳ୍ପଗୁଡ଼ିକ ସକାଶେ ଯୋଗ୍ୟ ନୁହନ୍ତି ସେମାନେ ସ୍ୱତନ୍ତ୍ର ଶ୍ରେଣୀରେ ସ୍ଥାନ ପାଇଲେ । <br> ଯୋଜନାରେ ଜୀବିକା ପୁନର୍ବାହାଲ ସକାଶେ ତିନୋଟି ବିକଳ୍ପର ପ୍ରସ୍ତାବ ଦିଆଯାଇଥିଲା- (କ) ଆୟ ବଢ଼ାଇବା ପାଇଁ କୃଷି ଓ ପଶୁପାଳନ ସଂପର୍କିତ ସହାୟତା (ଖ) କୌଶଳ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟତା ଏବଂ (ଗ) ରୋଜଗାର ବଢ଼ାଇବା ସକାଶେ ଅଣୁ ଉଦ୍ୟୋଗ ପାଇଁ ସହାୟତା <br> ପରବର୍ତ୍ତୀ କାଳରେ ଜି.କେ. ଇ.ଏଲ୍. ପକ୍ଷରୁ ଏଲ୍.ଆର.ପି. ରୂପାୟନ ସଂକ୍ରାନ୍ତରେ ଚାରୋଟି ତ୍ରୈମାସିକ ରୂପାୟନ ରିପୋର୍ଟ ପ୍ରକାଶିତ କରାଯାଇଥିଲା । (୨୦୧୬- | ଯଥେଷ୍ଟ ତଥ୍ୟ ରଖାଯାଇଛି ଯାହା ଦ୍ୱାରା ସେମାନଙ୍କର ପ୍ରକଳ୍ପ ରୂପାୟନ ପୂର୍ବର ଏବଂ ପରର ସ୍ଥିତିର ଆକଳନ କରାଯାଇ ପାରିବ । <br> • ପି.ଏସ୍.୧ ଅନୁଯାୟୀ କାର୍ଯ୍ୟଦକ୍ଷତା ମାନଦଣ୍ଡର ଅନୁପାଳନ ସକାଶେ ଆବଶ୍ୟକ ପଡୁଥିବା ପ୍ରତିକାର ବ୍ୟବସ୍ଥାଗୁଡ଼ିକ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ସହ କରାଯାଇଥିବା ବିଚାର ବିମର୍ଶକୁ ପ୍ରତିଫଳିତ କରିବା ଆବଶ୍ୟକ । ଜୀବିକା ପୁନର୍ବାହାଲ ଯୋଜନାରୁ ଏକଥା ପ୍ରମାଣିତ ହେଉନାହିଁ ଯେ ଜୀବିକା ପୁନର୍ବାହାଲ ବିକଳ୍ପଗୁଡ଼ିକୁ ବିକଶିତ କରିବା ସକାଶେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ଯଥେଷ୍ଟ ଭାବେ ତଥ୍ୟ ଜଣାଯାଇଛି ଏବଂ ବିଚାର ବିମର୍ଶର ପ୍ରକ୍ରିୟା ଅବଲମ୍ବନ କରାଯାଇଛି ବୋଲି । |

| | | |
|---|---|---|
| | ୨୦୧୭)। <br><br> **ଆଇ.ଏଫ୍.ସି.ର ଅଧୀକ୍ଷଣ** <br> ଆଇ.ଏଫ୍.ସି. ଏଲ୍.ଆର୍.ପି.ର (ମାର୍ଚ୍ଚ ୨୦୧୬ ସଂସ୍କରଣ) ସମୀକ୍ଷା କରିଛି ଏବଂ ଫଣ୍ଡ୍‌କୁ ପରାମର୍ଶ ଦେଇଛି ଯେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କୁ ବିଶେଷାଧିକାର ପ୍ରାପ୍ତ ଶ୍ରେଣୀରୂପେ ବର୍ଗୀକରଣ କରାଯିବା ଫଳରେ ପି.ଏସ୍. ୫ର ଆବଶ୍ୟକତା ପୂରଣ କରୁନାହିଁ । ମଇ ୨୦୧୭ରେ ଏଲ୍.ଆର୍.ପି.କୁ ପୁଣି ଥରେ ସମକାଳୀନ କରାଗଲା, ମାତ୍ର ତାହା ଅନ୍‌ଲାଇନ୍‌ରେ ପ୍ରକାଶିତ ହୋଇ ନଥିଲା । ସଦ୍ୟ ପ୍ରକାଶିତ ଏହି ସଂସ୍କରଣରେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ସକାଶେ ଜୀବିକା ପୁନର୍ବାହାଲ ଯୋଜନା ଉପଲବ୍ଧ ହେବ । <br> ପ୍ରକଳ୍ପ କ୍ଷେତ୍ରକୁ ପର୍ଯ୍ୟବେକ୍ଷଣ ଗସ୍ତ ସମୟରେ | • ଏଲ୍.ଆର.ପି.ର ରୂପାୟନ କାଳରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ସହ ସଂଘଟିତ ହୋଇଥିବା ବିଚାର ବିମର୍ଶ କେବଳ ଏଇଥିରେ ସୀମିତ ଥିଲା ଯେ ପୂର୍ବ ନିର୍ଦ୍ଧାରିତ ମତେ ସେମାନଙ୍କର ଜୀବିକା ହାନୀ ବାବଦକୁ କ୍ଷତିପୂରଣ ଦେବା । ପ୍ରକଳ୍ପ ପ୍ରଭାବିତମାନଙ୍କ ସକାଶେ ଏହି ବିକଳ୍ପଗୁଡ଼ିକ ଗ୍ରହଣୀୟ କି ନୁହେଁ କିମ୍ବା ବିକଳ୍ପର ସମ୍ଭାବନା ଦିଆଯାଇ ପାରିବ କି ନାହିଁ ସେକଥା ବାଛିବା ଏହି ବିଚାର ବିମର୍ଶର ଉଦ୍ଦେଶ୍ୟ ନଥିଲା ।। <br><br> • ଜୀବିକା ପୁନର୍ବାହାଲ ଯୋଜନାର ବିକଳ୍ପଗୁଡ଼ିକ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କୁ ସେମାନଙ୍କର ପ୍ରକଳ୍ପ ପୂର୍ବର (ଯଥା ୨୦୦୭) ରୋଜଗାର ସାମର୍ଥ୍ୟ ଫେରାଇ ଦେଇ ପାରିବ କି ନାହିଁ ସେ ସଂପର୍କରେ ସୀମିତ ତର୍ଜମା |

| | | |
|---|---|---|
| | ଆଇ.ଏଫ୍.ସି.ର ପ୍ରତିନିଧିମାନେ କେତେକ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ସହ ସାକ୍ଷାତ କରିଥିଲେ । ଆଇ.ଏଫ୍.ସି. ଏକଥା ଉଲ୍ଲେଖ କରିଛନ୍ତି ଯେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ସହ ପ୍ରତ୍ୟେକଟି ବୈଠକରେ ଏକଥାର ପୁଷ୍ଟି ହୋଇଛି ଯେ ସେମାନଙ୍କୁ (କ) ପରାମର୍ଶ ଦିଆଯାଇଛି ଏବଂ ଏଲ୍.ଆର୍.ପି. ସକାଶେ ସେମାନଙ୍କର ସର୍ଭେ କରାଯାଇଛି (ଖ) ଏଲ୍.ଆର୍.ପି.ର ରୂପାୟନ ବେଳେ ନିୟମିତ ରୂପେ ଜି.କେ.ଇ.ଏଲ୍.ଠାରୁ ସହଯୋଗ ମିଳିଛି ଏବଂ (ଗ) ମିଳିଥିବା ଜୀବିକା ସହାୟତା ଦ୍ୱାରା ସେମାନେ ଲାଭାନ୍ୱିତ ହେଉଛନ୍ତି । | କରାଯାଇଛି । ଏହା ପୁଣି ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ତର ଅନୁସାର ତଥା ମୁଦ୍ରାସ୍ଫୀତି ସକାଶେ ସଂଶୋଧିତ ହୋଇଥିବା ଆବଶ୍ୟକ । ଏଲ୍.ଆର.ପି. ଏ କଥା ବିଚାରକୁ ନିଏ ନାହିଁ ଯେ ଗ୍ରାମଗୋଷ୍ଠୀର ସଦସ୍ୟମାନେ ସେମାନଙ୍କର ଜମି ହରାଇବା ଏବଂ ଏଲ୍.ଆର.ପି. ପାଇବା ମଧ୍ୟବର୍ତ୍ତୀ ସମୟରେ ରୋଜଗାରକୁ ବିଚାରକୁ ନିଏ ନାହିଁ। |
| **ପି.ଏସ୍.୭- ଆଦିମ ଅଧିବାସୀ** ମହକିଲ ପ୍ରକଳ୍ପ ପ୍ରଭାବିତ ଆଦିମ ଅଧିବାସୀମାନଙ୍କ ସହ ପ୍ରକଳ୍ପର ଯୋଜନାକାଳରୁ ଯେତେ ଶୀଘ୍ର ସମ୍ଭବ ଏବଂ | **ଆଇ.ଏଫ୍.ସି.ର ଉତ୍ତର** ଉତ୍ତରରେ ଆଇ.ଏଫ୍.ସି. ଏହି ପ୍ରସଙ୍ଗ ଉପରେ କୌଣସି ମତବ୍ୟକ୍ତ କରିନଥିଲା। ଆଇ.ଏଫ୍.ସି.ର ଅଧୀକ୍ଷଣ | ପି.ଏସ୍.-୭ର ଅନୁପାଳନ ସକାଶେ ଭରସା ଦେବା ସକାଶେ ଆଇ.ଏଫ୍.ସି. ଦ୍ୱାରା ଆହୁରି ଅଧିକ ଅଧୀକ୍ଷଣ କରାଯିବାର ଆବଶ୍ୟକତା ରହିଛି । |

| | | |
|---|---|---|
| ପ୍ରକଳ୍ପର ଜୀବନକାଳ ମଧ୍ୟରେ, ଏକ ଚଳନ୍ତି ସଂପର୍କ ରଖିବେ । ଯେଉଁ ପ୍ରକଳ୍ପ ଗୁଡ଼ିକରେ ଆଦିମ ଅଧିବାସୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି, ସେ କ୍ଷେତ୍ରରେ ବିଚାର ବିମର୍ଶ ପ୍ରକ୍ରିୟା ଏକଥା ସୁନିଶ୍ଚିତ କରିବା ଆବଶ୍ୟକ ଯେ ସେମାନେ ମୁକ୍ତ, ପ୍ରାକ ଏବଂ ପ୍ରକଳ୍ପ ସଂପର୍କରେ ଜାଣି ସେମାନଙ୍କୁ ପ୍ରତ୍ୟକ୍ଷ ପ୍ରଭାବିତ କରୁଥିବା ପ୍ରସଙ୍ଗରେ ଆଲୋଚନା କରିବେ, ଯେପରିକି ପ୍ରସ୍ତାବିତ ପ୍ରତିକାର ପଦକ୍ଷେପ, ବିକାଶର ସୁଫଳ ଓ ସୁଯୋଗର ବଣ୍ଟନ ଏବଂ ରୂପାୟନ ସଂପର୍କିତ ପ୍ରସଙ୍ଗ (ଅନୁଚ୍ଛେଦ ୯) । | ଆଇ.ଏଫ୍.ସି. ଏକଥା ଲକ୍ଷ କରିଛି ଯେ ଆର୍.ଏମ୍. ର ଜୁଲାଇ ୨୦୧୪ ରିପୋର୍ଟ ଏହି ଉପସଂହାରରେ ପହଞ୍ଚିଲା ଯେ ପ୍ରକଳ୍ପଟି ଅନୁସୂଚୀତ ଜନଜାତିମାନଙ୍କଠାରୁ ଭୂମି ଅଧିଗ୍ରହଣକୁ ଏଡ଼ାଇ ଯାଇଛି । ତେବେ ଆଇ.ଏଫ୍.ସି. ଉଲ୍ଲେଖି କରିଛି ଯେ ଅନେକ ଗୁଡ଼ିଏ ପ୍ରକଳ୍ପ ଆକଳନ ତାଲିକାରେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ତାଲିକାରେ ଅନୁସୂଚୀତ ଜନଜାତିର ପରିବାର ମାନଙ୍କର ନାମ ଥିଲା । ଏହି ପରିପ୍ରେକ୍ଷୀରେ ଆଇ.ଏଫ୍.ସି. ଫଣ୍ଡ୍‌କୁ ପରାମର୍ଶ ଦେଇଛି ଯେ ଏଲ୍. ଆର.ପି.ରେ ପି.ଏସ୍.୭ର ପ୍ରଯୁଜ୍ୟତା ସଂପର୍କରେ ଏକ ଭାଗରେ ଉଲ୍ଲେଖି କରାଯିବା ଆବଶ୍ୟକ ଏବଂ ପି.ଏସ୍.୭ ଆବଶ୍ୟକତାର ଅନୁପାଳନ ସକାଶେ ଆବଶ୍ୟକ ସ୍ଥଳେ ଗ୍ରହଣ କରାଯିବାକୁ ଥିବା | **ବିଶେଷ କରି**<br>ମଇ, ୨୦୧୭ର ଏଲ୍.ଆର.ପି. ରେ ପି.ଏସ୍.୭ର ପ୍ରଯୁଜ୍ୟତା ସଂପର୍କିତ ଆକଳନ ଗ୍ରାମଗୋଷ୍ଠୀମଧ୍ୟରେ ଏକ ଟ୍ରାନ୍‌ଜେକ୍ଟ ଓ୍ୱାର୍କ ଏବଂ ଗ୍ରାମର ମୁଖିଆମାନଙ୍କ ସହ ଆଲୋଚନା ମାଧ୍ୟମରେ ଏକ ତ୍ୱରିତ ଜାତିଗତ ଅନୁସନ୍ଧାନ କରାଯାଇଥିଲା । ଚିହ୍ନଟ କରାଯାଇଥିବା ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କୁ ଅନୁସୂଚତୀତ ଜନଜାତି ରୂପେ ଆଖ୍ୟା ଦିଆଗଲେ ମଧ୍ୟ ଏଲ.ଆର.ପି. ଆକଳନ ଉପାୟ ଏକଥା ସ୍ପଷ୍ଟ କରିଦେବାକୁ ଯଥେଷ୍ଟ ନଥିଲା ଯେ ପ୍ରଭାବିତ ବ୍ୟକ୍ତିମାନେ ପି.ଏସ୍.୭ ଅନୁଯାୟୀ ଆଦିମ ଅଧିବାସୀ ନୁହଁନ୍ତି । |

| | | |
|---|---|---|
| | ପଦକ୍ଷେପ ସଂପର୍କରେ ମଧ୍ୟ ଏଥିରେ ଉଲ୍ଲେଖ କରାଯିବା ଆବଶ୍ୟକ ।<br>ମଇଁ ୨୦୧୭ରେ ସଂଶୋଧିତ ଏଲ.ଆର.ପି. ପି.ଏସ୍.-୭ର ପ୍ରଯୁଜ୍ୟତା ସଂପର୍କରେ ସମୀକ୍ଷା କରିଛି ଏବଂ ଏହି ଉପସଂହାରରେ ଉପନୀତ ହୋଇଛି ଯେ ଏକ ଅନୁସୂଚୀତ ଜନଜାତିର ଅଂଶବିଶେଷ ଥିବା ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ସାମାଜିକ - ସାଂସ୍କୃତିକ ଚରିତ୍ର ପି.ଏସ୍.୭ର ମାନଦଣ୍ଡର ଖାପ ଖାଉନାହିଁ ଯଦ୍ୱାରା ସେମାନଙ୍କ ଆଦିମ ଅଧିବାସୀ ବୋଲି ଅଭିହିତ କରିହେବ । | |